୬ ୨୪ ବଲ୍‌ରେ ଅର୍ଦ୍ଧଶତକ କରି ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨ ● ୨୮ ଜାନୁଆରୀ ୨୦୨୬, ବୁଧବାର ● ଭୁବନେଶ୍ୱର ● Vol -33 ● Issue-2 ● 28th January 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







## ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତି

# ହେବ ନିବେଶର ବନ୍ୟା, ବଢ଼ିବ ନିଯୁକ୍ତି ସୁଯୋଗ

**ନୂଆଦିଲ୍ଲୀ, ୨୭।୧**

ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି। ଏହାଦ୍ୱାରା ଭାରତୀୟ ଅର୍ଥବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି। ଏନେଇ ଅନେକ ଆକଳନ କରାଯାଉଥିବା ବେଳେ ବଡ ଅର୍ଥନୈତିକ ପରିବର୍ତ୍ତନ ଆଶା କରାଯାଉଛି। ଫେଡେରେସନ୍ ଅଫ୍ ୟୁରୋପିଆନ୍ ବିଜନେସ୍ ଇନ୍ ଇଣ୍ଡିଆର ୨୦୨୬ ବ୍ୟବସାୟିକ ସର୍ଭେ ଅନୁଯାୟୀ, ୟୁରୋପୀୟ କମ୍ପାନୀଗୁଡ଼ିକ ଭାରତରେ ବିପୁଳ ପୁଞ୍ଜି ନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଅଣ୍ଟା ଭିଡ଼ିଛନ୍ତି।




ପ୍ରାୟ ୯୫% ୟୁରୋପୀୟ କମ୍ପାନୀ ଆଗାମୀ ୫ ବର୍ଷ ମଧ୍ୟରେ ଭାରତରେ ନିଜର ବ୍ୟବସାୟ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ୯୦% କମ୍ପାନୀ ସ୍ୱୀକାର କରିଛନ୍ତି ଯେ ଭାରତରେ ସେମାନଙ୍କ କାର୍ଯ୍ୟକଳାପ ବର୍ତ୍ତମାନ ଲାଭଜନକ ସ୍ଥିତିରେ ଅଛି। ୭୮% କମ୍ପାନୀ ଭାରତରେ ନିଯୁକ୍ତି ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତି ୫ଟି କମ୍ପାନୀ ମଧ୍ୟରୁ ଜଣେ ୧୦୦୦ରୁ ଅଧିକ ନୂଆ ଚାକିରି ସୃଷ୍ଟି କରିବେ ବୋଲି ଆଶା କରାଯାଉଛି। ସେହିଭଳି ପ୍ରାୟ ୬୯% କମ୍ପାନୀ ଭାରତକୁ ଏକ ଗ୍ଲୋବାଲ୍ ସପ୍ଲାଏ ଚେନ୍ ହବ୍ ଭାବେ ଗଢ଼ିବା ପାଇଁ ଉତ୍ପାଦନ ବୃଦ୍ଧି କରିବାକୁ ଚାହୁଁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିଶନ ଅଧକ୍ଷା ଉର୍ସୁଲା ଭନ୍ ଡେର୍ ଲେୟେନ୍ ଏହି ଚୁକ୍ତିକୁ "ସମସ୍ତ ବାଣିଜ୍ୟ ଚୁକ୍ତିର ଜନନୀ" ବୋଲି ଅଭିହିତ କରିଛନ୍ତି। ଏହି ଚୁକ୍ତି ଦ୍ୱାରା ପ୍ରାୟ ୨୦୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ବିଶାଳ ବଜାର ପାଇଁ ବାଣିଜ୍ୟିକ ବାଟ ଫିଟିଛି।

ପ୍ରାୟ ୨୬% କମ୍ପାନୀ ଆଗାମୀ ୫ ବର୍ଷରେ ପ୍ରତ୍ୟେକ ୧୦୦ ମିଲିୟନ ୟୁରୋରୁ ଅଧିକ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ। ଅନ୍ୟ ୨୫% କମ୍ପାନୀ ୨୦ ରୁ ୧୦୦ ମିଲିୟନ ୟୁରୋ ପର୍ଯ୍ୟନ୍ତ ପୁଞ୍ଜି ଖଟାଇବେ। ବିଶେଷ କରି ଅଟୋମୋଟିଭ୍, ଶକ୍ତି, ଡିଜିଟାଲ୍ ଏବଂ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରେ ଏହି ନିବେଶ ଅଧିକ ହେବ।

ସକାରାତ୍ମକ ଦିଗ ସତ୍ତ୍ୱେ, ୭୧% କମ୍ପାନୀ ନିୟାମକ ଅନୁମୋଦନ ଏବଂ ପାଳନ ପ୍ରକ୍ରିୟାକୁ ଏକ ବଡ଼ ସମସ୍ୟା ଭାବେ ଦର୍ଶାଇଛନ୍ତି। ଏହା ସହିତ ଆମଦାନୀ ଶୁଳ୍କ ଏବଂ କର ନୀତିରେ ଅନିଶ୍ଚିତତାକୁ ନେଇ ମଧ ଉଦବେଗ ପ୍ରକାଶ ପାଇଛି।

## ୭୭ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

# ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୨୭।୧**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ୭୭ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ ।

ପରେଡ୍ କମାଣ୍ଡାଣ୍ଟ ରାକେଶ କୁମାର ସାହୁ ପ୍ୟାରେଡ୍ ପରିଚାଳନା କରିଥିବା ବେଳେ ଡେପୁଟି କମାଣ୍ଡାଣ୍ଟ ଶରତ ଜାନି, ଆଡ୍‌ଜୁଟାଣ୍ଟ ଭାବେ ଶେଖର ମହାପାତ୍ର ଏବଂ ସ୍ୱତନ୍ତ୍ର ଅଧିକାରୀ ପରମେଶ୍ୱର ହାଂସଦା ପ୍ୟାରେଡ୍ ପରିଚାଳନାରେ ସହାୟତା କରିଥିଲେ ।

ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳ ସମୁଦାୟ ୪୬ଟି ଦଳ ମିଳିତ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ। ସମ୍ମିଳିତ ପ୍ୟାରେଡ୍ ଅନୁଷ୍ଠିତ ହେବା ପରେ ପରେ ବିଭିନ୍ନ ସାଂସ୍କୃତିକ ଦଳ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। (ପୃଷ୍ଠା ୭ରେ)



## ଆଜିର ମୁଖ୍ୟ ଖବର

- କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲର ଆନନ୍ଦ ଜେନାଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା।
- କୋରାପୁଟରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ, ରେଳ ଚଳାଚଳ ପ୍ରଭାବିତ।
- ଗଣତନ୍ତ୍ର ଦିବସ ପତାକା ଉତ୍ତୋଳନ ସମୟରେ ଛାତ୍ରଙ୍କ ମୃତ୍ୟୁ।
- ଭୁବନେଶ୍ୱରରେ ସାଇବର ଠକେଇ ଗ୍ୟାଙ୍ଗ ଧରାପଡିଲା।
- ଅନ୍ତର୍ଜାତୀୟ ଖାଦ୍ୟ ପ୍ରଦର୍ଶନୀରେ ଭାରତର ଅଂଶଗ୍ରହଣ।
- ନବରଙ୍ଗପୁରରେ ସଡ଼କ ଦୁର୍ଘଟଣା, ଅନେକ ଆହତ।

# ଅଙ୍ଗନବାଡି ପିଲାଙ୍କ ପୋଷାକ ମୂଲ୍ୟ ବୃଦ୍ଧି କଲେ ସରକାର

**ଭୁବନେଶ୍ୱର, ୨୭।୧**
**ନ୍ୟୁଜ୍ ବ୍ୟୁରୋ**

ଅଙ୍ଗନବାଡି ପିଲାଙ୍କ ପୋଷାକର ସରକାରୀ ମୂଲ୍ୟ ବୃଦ୍ଧି କରାଯାଇଛି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ଯୋଜନାରେ ପ୍ରି ସ୍କୁଲ ପିଲାଙ୍କର ପୋଷାକ ଓ ଜୋତା ବାବଦକୁ ମୂଲ୍ୟ ବୃଦ୍ଧି କରାଯାଇଛି। ବାଳକଙ୍କ ପୋଷାକ ମୂଲ୍ୟ ୧୦୦ରୁ ବଢ଼ି ୧୭୫ ଟଙ୍କା ବାଳିକାଙ୍କ ପୋଷାକ ଖର୍ଚ୍ଚ ୧୫୦ରୁ ୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜୋତା ପାଇଁ ଖର୍ଚ୍ଚ ୧୦୦ରୁ ବଢ଼ି ୧୫୦ ଟଙ୍କା ହୋଇଛି। ସେହିପରି ସ୍ୱେଟର ପାଇଁ ୧୫୦ ଟଙ୍କାକୁ



୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ଘୋଷଣା କରିଛନ୍ତି।

ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ଲେଖାଇଥିବା ୩ ରୁ ୬ ବର୍ଷ ବୟସର ପ୍ରାକ୍-ବିଦ୍ୟାଳୟ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପୋଷାକ (ୟୁନିଫର୍ମ), ଜୋତା ଓ ମୋଜା ଏବଂ ସ୍ୱେଟରର ମୂଲ୍ୟରେ ଓଡ଼ିଶା ସରକାର ଏକ ସଂଶୋଧନ ପାଇଁ ଅନୁମୋଦନ କରିଛନ୍ତି । କପଡ଼ାର କ୍ରମାଗତ ବର୍ଦ୍ଧିତ ମୂଲ୍ୟ, ସିଲେଇ ଖର୍ଚ୍ଚ, ପରିବହନ ବ୍ୟୟକୁ ଦୃଷ୍ଟିରେ ରଖି ଏବଂ ଛୋଟ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ପୋଷାକ ଓ ଆନୁଷଙ୍ଗିକ ସାମଗ୍ରୀର ଗୁଣବତ୍ତା ବଜାୟ ରଖିବା ପାଇଁ ଏହି ସଂଶୋଧନ (ପୃଷ୍ଠା ୭ରେ)

# ଆଜି ନବନିର୍ମାଣ କୃଷକ ସଂଗଠନର ଓଡିଶା ବନ୍ଦ : ବିଜେଡ଼ି ଓ କଂଗ୍ରେସର ସମର୍ଥନ

**ଭୁବନେଶ୍ୱର, ୨୭।୧**
**ନ୍ୟୁଜ୍ ବ୍ୟୁରୋ**

ବୁଧବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଛି । ସକାଳ ୬ ଟାରୁ ଅପରାହ୍ନ ୨ ପର୍ଯ୍ୟନ୍ତ ନବନିର୍ମାଣ କୃଷକ ସଂଗଠନର ଓଡିଶା ବନ୍ଦ ଡାକରା ଦିଆଯାଇଛି। ନବନିର୍ମାଣ କୃଷକ ସଂଗଠନ ସହ ନବନିର୍ମାଣ ଯୁବଛାତ୍ର ସଂଗଠନ ମଧ ଏହି ବନ୍ଦ ଡାକରାରେ ସାମିଲ ହୋଇଛି । ସବୁଠୁ ବଡ଼ କଥା ହେଉଛି ଓଡ଼ିଶା ବନ୍ଦକୁ ପୂର୍ଣ୍ଣ ସମର୍ଥନ ଜଣାଇଛି ପ୍ରମୁଖ ରାଜନୈତିକ ଦଳ ବିଜେଡ଼ି ଏବଂ କଂଗ୍ରେସ।



ଏହା ସହ ଏହି ବନ୍ଦ ଡାକରାକୁ ସିପିଆଇ ପକ୍ଷରୁ ମଧ୍ୟ ସମର୍ଥନ କରାଯାଇଛି । ବିଭିନ୍ନ ଅବ୍ୟବସ୍ଥା ତଥା ଦାବିକୁ ନେଇ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ସମସ୍ତ ଚାଷୀଙ୍କ ଧାନ ଏମ୍ଏସ୍‌ପି ଏବଂ ଇନ୍‌ପୁଟ ସବ୍‌ସିଡ଼ି ମିଶାଇ କ୍ୱିଣ୍ଟାଲ ପ୍ରତି ୩୧୦୦/ଟଙ୍କାରେ କିଣାଯାଉ, ଧାନ କ୍ରୟ ପରେ ସଠିକ୍ ସମୟ ମଧ୍ୟରେ ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯାଇ, ଟୋକନ୍ ଓ ମଣ୍ଡି ବ୍ୟବସ୍ଥାର ସମସ୍ତ ବେନିୟମ ଓ ଦୁର୍ନୀତି ଦୂର କରାଯାଉ । ଦଲାଲ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୦୨୬ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୯୦ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୦୧୯ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୩୮୭ (+୧୨)

# ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

**ଭୁବନେଶ୍ୱର, ୨୭।୧ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସମେତ ଜାତୀୟ ସ୍ତରରେ ସମସ୍ତ ବ୍ୟାଙ୍କ ସେବା ବନ୍ଦ ରହିଛି । ପାଖାପାଖି ୮ ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବ୍ୟାଙ୍କ କର୍ମଚାରୀମାନେ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଦାବି କରି ପ୍ରତିବାଦ କରିଛନ୍ତି । ଏହି ଆନ୍ଦୋଳନରେ ସରକାରୀ, ବେସରକାରୀ, ବିଦେଶୀ, ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ ହୋଇଛନ୍ତି। ଭାରତୀୟ ବ୍ୟାଙ୍କ ସଂଘର ଏହି ପ୍ରସ୍ତାବ ଗତ ଦୁଇ ବର୍ଷ ଧରି ସରକାରଙ୍କ ନିକଟରେ ବିଚାରାଧୀନ ରହିଛି, କିନ୍ତୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ଯାହା ଫଳରେ ମଙ୍ଗଳବାର ସବୁ ବ୍ୟାଙ୍କ୍ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫଳରେ ଗ୍ରାହକଙ୍କ ସେବା ପ୍ରଭାବିତ ହୋଇଛି । ବ୍ୟାଙ୍କ୍ କର୍ମଚାରୀଙ୍କ କହିବା କଥା ଅଧାରୁ ଅଧିକ ବ୍ୟାଙ୍କ ସେବା ଡିଜିଟାଲ (ପୃଷ୍ଠା ୭ରେ)

# ପିୟୁସିସି ନଥିଲେ ପେଟ୍ରୋଲ ମନା ନିର୍ଦ୍ଦେଶ ପ୍ରତ୍ୟାହୃତ

**କଟକ, ୨୭।୧**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ଗାଡ଼ି ଚାଳକଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର । ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଶୁଣାଇଛନ୍ତି । କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ, ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ମଧ ପେଟ୍ରୋଲ



ପମ୍ପଗୁଡ଼ିକ ଗ୍ରାହକଙ୍କୁ ତେଲ ଦେବାରୁ ବଞ୍ଚିତ କରିପାରିବେ ନାହିଁ ।

ପିୟୁସିସି ନଥିଲେ ପେଟ୍ରୋଲ ମନା ସମ୍ପର୍କିତ ମାମଲାର ହାଇକୋର୍ଟରେ ଶୁଣାଣି ହୋଇଛି । ପିୟୁସିସି ନଥିଲେ ପେଟ୍ରୋଲ ମିଳିବନି ନିର୍ଦ୍ଦେଶ ପ୍ରତ୍ୟାହୃତ ହୋଇଛି । କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ଏଣିକି ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ମଧ ପେଟ୍ରୋଲ ପମ୍ପଗୁଡ଼ିକ ଗ୍ରାହକଙ୍କୁ ତେଲ ଦେବାରୁ ବଞ୍ଚିତ କରିପାରିବେ ନାହିଁ । ହାଇକୋର୍ଟ କହିଛନ୍ତି (ପୃଷ୍ଠା ୭ରେ)

# ବୋମା ଭିଡିଲା ବେଳେ ବିସ୍ଫୋରଣ

**ଭୁବନେଶ୍ୱର, ୨୭।୧ : ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରପଦା ଆଜାଦ ନଗର ଅଞ୍ଚଳରେ ବୋମା ଭିଡିବା ସମୟରେ ବିସ୍ଫୋରଣ ଘଟିବା ଯୋଗୁ ଦୁଇ ମହିଳାଙ୍କ ସମେତ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଜଣାପଡିବା ପରେ ଭୁବନେଶ୍ୱର ଡିସିପି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଘଟଣାସ୍ଥଳରୁ ବହୁ ପରିମାଣର ବାରୁଦ ଜବତ କରାଯାଇଛି। ଅପରାଧିକ କାର୍ଯ୍ୟ ପାଇଁ ଏଠାରେ ବୋମା ଭିଡାଯାଉଥିବା ସମ୍ପର୍କରେ ଡିସିପି ସୂଚନା ଦେଇଛନ୍ତି।

## ଏକାଳ ପଖାଳ




ଉଚ୍ଚନ୍ୟାୟାଳୟଙ୍କ ଗାଳିପରେ
ଦେଖାଗଲା ଏବେ ବାଟ
ଯେଉଁ ହନ୍ତସନ୍ତ କରୁଥିଲେ ସବୁ
ଦରକାର ଥିଲା ଛାଟ
ପ୍ରଦୂଷଣ ସାର୍ଟିଫିକେଟ ନାଟ
ଲୋକେ ଟିକେ ଏବେ ଶାନ୍ତିରେ ବଞ୍ଚିବେ
ଏବେ ତ ଫାଇନି କାଟ।

# ନିପା ଭାଇରସ: ସାମାନ୍ୟ ଥଣ୍ଡା ପରେ ମଧ ଏହା ସାଂଘାତିକ ହୋଇପାରେ




**ନୂଆଦିଲ୍ଲୀ, ୨୭।୧**

କେରଳ ଓ ପଶ୍ଚିମବଙ୍ଗରେ ନିପା ଭାଇରସ ସଂକ୍ରମଣ ବୃଦ୍ଧି ପାଇଥିବା ନେଇ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି। ସଂକ୍ରାମକ ରୋଗ ବିଶେଷଜ୍ଞମାନେ କହିଛନ୍ତି ଯେ ଆତଙ୍କିତ ହେବା ପରିବର୍ତ୍ତେ ଶୀଘ୍ର ଚିହ୍ନଟ, ଡାକ୍ତରଖାନା ପ୍ରସ୍ତୁତି ଓ କଠୋର ସଂକ୍ରମଣ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବା ଉଚିତ।

ନିପା ଭାଇରସ ବିରଳ ହେଲେ ବି ଅତ୍ୟନ୍ତ ମାରାତ୍ମକ। ଏଥିରେ ମୃତ୍ୟୁ ହାର ଅନ୍ୟାନ୍ୟ ଶ୍ୱାସକ୍ରିୟାଜନିତ ରୋଗଠାରୁ ବହୁତ ଅଧିକ। ବିଶିଷ୍ଟ ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ଦୀପ ନାରାୟଣ ମୁଖାର୍ଜୀ କହିଛନ୍ତି ଯେ, ନିପା ଭୂତାଣୁ ହେଉଛି ଏକ ଆରଏନ୍ଏ ଭୂତାଣୁ ଯାହା ଜ୍ୱର, ମୁଣ୍ଡବିନ୍ଧା, କାଶ, ଗଳା ଯନ୍ତ୍ରଣା ଓ ମାଂସପେଶୀ ଯନ୍ତ୍ରଣା ଭଳି ଲକ୍ଷଣ ସହିତ ଫ୍ଲୁ(ସର୍ଦ୍ଦି)ରୁ ଆରମ୍ଭ ହୁଏ। ଏହାକୁ ସାଧାରଣ ସର୍ଦ୍ଦି ମନେ କରି ଲୋକମାନେ ଅବହେଳା କରିଥାନ୍ତି। ତେବେ ଏହି ରୋଗ ଦ୍ରୁତ ଗତିରେ ବଢ଼ିପାରେ। ଡାକ୍ତର ମୁଖାର୍ଜୀ କହିଛନ୍ତି, ବେଳେବେଳେ ଏହା ମସ୍ତିଷ୍କକୁ ଯାଇ ଏନସେଫାଲାଇଟିସ୍ ସୃଷ୍ଟି କରିଥାଏ। ରୋଗୀ କୋମାକୁ ଯାଇପାରନ୍ତି ଏବଂ ଅନେକ ସମୟରେ ଏହି ରୋଗ ହେତୁ ମୃତ୍ୟୁବରଣ କରିପାରନ୍ତି।

ଯାହା ନିପାକୁ ବିଶେଷ ବିପଜ୍ଜନକ କରିଥାଏ ତାହା ହେଉଛି ଏହାର ଗୁରୁତର ସ୍ନାୟୁଗତ ସଂପୃକ୍ତି। ଏହି ଭୂତାଣୁରେ ପୀଡିତ ବ୍ୟକ୍ତିଙ୍କ ମୃତ୍ୟୁ ହାର ୫୦ରୁ ୭୫% ମଧ୍ୟରେ ରହିଛି। ଏହି ରୋଗକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି, ପ୍ରାରମ୍ଭିକ ଲକ୍ଷଣ ଓ ବିଳମ୍ବିତ ଲକ୍ଷଣ। ପ୍ରାରମ୍ଭିକ ଲକ୍ଷଣ ଭିତରେ ଶ୍ୱାସକ୍ରିୟାରେ ସମସ୍ୟା, ମୁଣ୍ଡବିନ୍ଧା ଆଦି ଦେଖାଯାଏ। ଗୁରୁତର ଲକ୍ଷଣ ମଧ୍ୟରେ କମ୍ପନ, କୋମା ଓ ମୃତ୍ୟୁ ଅନ୍ତର୍ଭୁକ୍ତ।

ଡାକ୍ତର ମୁଖାର୍ଜୀ ଦର୍ଶାଇଛନ୍ତି ଯେ ନିପା ଏକ ଜୁନୋଟିକ୍ ରୋଗ, ଯେଉଁଥିରେ ଫଳଖିଆ ବାଦୁଡ଼ି ଭୂତାଣୁର ପ୍ରାକୃତିକ ପ୍ରଜନନ କ୍ଷେତ୍ର ଭାବରେ କାର୍ଯ୍ୟ କରନ୍ତି। ଏହି ଭୂତାଣୁ ବାଦୁଡ଼ିଙ୍କ ଠାରୁ ଘୁଷୁରି ପରି ଅନ୍ୟ ପ୍ରାଣୀ ଓ ଶେଷରେ (ପୃଷ୍ଠା ୭ରେ)

# ସ୍କୁଲରେ ସମସ୍ତ ଗତିବିଧି ଉପରେ ନଜର ରଖିବ ଏଆଇ

**ଭୁବନେଶ୍ୱର, ୨୭।୧**
**ନ୍ୟୁଜ୍ ବ୍ୟୁରୋ**

ଆପଣଙ୍କ ପିଲା ସ୍କୁଲରେ କ'ଣ କରୁଛି। ପାଠ ପଢୁଛି ନା ନାହିଁ? କେଉଁ ଶିକ୍ଷକ କେତେ ସମୟ ପାଠ ପଢ଼ାଉଛନ୍ତି? କିଏ ଅନୁପସ୍ଥିତ ରହୁଛନ୍ତି? ସବୁ ସ୍କୁଲର ଗତିବିଧି ଉପରେ ନଜର ରଖିବ ଏଆଇ । ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛି ଗଣଶିକ୍ଷା ବିଭାଗ । ମୟୂରଭଞ୍ଜରୁ ମାଲକାନଗିରି, ବାଲେଶ୍ୱରରୁ ବଲାଙ୍ଗୀର । ସବୁ ସ୍କୁଲ ଉପରେ ମନିଟରିଂ କରିବ ହେଡ୍ କ୍ୱାର୍ଟର୍ସ । ଶିକ୍ଷା ବ୍ୟବସ୍ଥାରେ ଆହୁରି ସଂସ୍କାର ଆଣିବାକୁ ବ୍ୟବହାର ହେବ କୃତ୍ରିମ ବୁଦ୍ଧିମତା ବା



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ । ଏଥିପାଇଁ ୫ହଜାରରୁ ଅଧିକ ସ୍କୁଲରେ ଏଆଇ ଦ୍ୱାରା ପରିଚାଳିତ ଭର୍ଚୁଆଲ କ୍ଲାସ ରୁମ୍ ଓ ଡିଜିଟାଲ ମୂଲ୍ୟାୟନ ବ୍ୟବସ୍ଥା କରାଯିବ। ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ (ଓସେପା) ତରଫରୁ ୫,୩୭୦ଟି ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ଏହାର ବ୍ୟବସ୍ଥା କରାଯିବ । (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୮ ଜାନୁଆରୀ ୨୦୨୬ ବୁଧବାର





# ସନ୍ଦେହ ଘେରରେ କଟକ ଚଣ୍ଡୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିଷ୍ପତ୍ତି

## ଗୋଟିଏ ରାତିରେ ୯ ଦୋକାନରୁ ଚୋରୀ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ମୁଖ୍ୟବଜାର ତଥା ଥାନା ନିକଟରେ ରବିବାର ରାତିରେ ଥିବା ୯ଟି ଦୋକାନରୁ ସିରିଜ୍ ଚୋରି ଘଟଣା ଏଠାରେ ଆଲୋଚନାର ବିଷୟ ହୋଇଛି । ସୂଚନା ଅନୁଯାୟୀ ସ୍ଥାନୀୟ ଲୋକେ ଗୋଟିଏ ଚୋରକୁ ଚୋରି କରୁଥିବା ସମୟରେ ବାହାର ପଟୁ ତାଲା ପକାଇଦେଇଥିଲେ । ସକାଳ ହେବା ପରେ ଥାନାକୁ ଖବର ଦେଇଥିଲେ । ପରେ ପୋଲିସ ପହଞ୍ଚି ଯୁବକକୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି । ପୋଲିସ ଅନ୍ୟ ସହଯୋଗୀଙ୍କୁ ଖୋଜୁଛି । ଛୋଟ ଛୋଟ ଦୋକାନରେ ସମସ୍ତ ବିକ୍ରି ସାମଗ୍ରୀ ଲୁଟି ନେଇଛନ୍ତି । ଗୋଟିଏ କମ୍ପ୍ୟୁଟର କେନ୍ଦ୍ରର ଲକ୍ଷାଧିକ ଟଙ୍କାର ସମସ୍ତ ସାମଗ୍ରୀ ଲୁଟି ନେଇଛନ୍ତି । ଚୋରି ଏବେ ଜାରକା ଓ ଧର୍ମଶାଳା ଅଞ୍ଚଳରେ ସାଧାରଣ ଘଟଣା ହେଲାଣି । କମ୍ ବୟସର ଯୁବ ପିଢ଼ି ଏବେ ନିଶାଗ୍ରସ୍ତ । ନିଶା ଖାଇବାକୁ ଏହି ଗୋଷ୍ଠୀ ଚୋରି କରୁଥିବା ଆଲୋଚନା ହେଉଛି ।

## ୫୯.୬ ଗ୍ରାମ୍ ହେରୋଇନ୍ ଓ କାର୍ ଜବତ:୨ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୋଲିସ ପକ୍ଷରୁ ଅପରେସନ୍ ପ୍ରହାର ଦ୍ୱାରା ଜିଲ୍ଲାରେ ଧଳା ଜହର କାରବାର ଉପରେ କଡ଼ା ନଜର ରଖିଥିବାବେଳେ ଦେଉଳି ଗ୍ରାମେଶ୍ୱର ଛକରୁ ଦୁଇଜଣ ଧଳା ଜହର ବେପାରୀଙ୍କୁ ମାଡ଼ିବସିଥିଲା । କେନ୍ଦ୍ରାପଡ଼ା ଜିଲ୍ଲା ପଟାମୁଣ୍ଡାଇ ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମର ପରୀକ୍ଷିତ ମଲ୍ଲିକଙ୍କ ପୁଅ ଦୀପକ ମଲ୍ଲିକ (ବଲିଆ) (୩୪) ଏବଂ ଜଗତସିଂହପୁର ଥାନା ଅଧୀନ ବରହମପୁର (ତରିକୁନ୍ଦ) ଗ୍ରାମର ଅବଦୁଲ ସତାରଙ୍କ ପୁଅ ଇମ୍ରାନ ଖାନ (୨୯)ଙ୍କ ଠାରୁ ୫୯.୬ ଗ୍ରାମ୍‌ର ବ୍ରାଉନ୍ ସୁଗାର ଓ ଏକ ମାରୁତି ବ୍ରିଜା କାର୍ ଏବଂ ନଗଦ ୯୫ ହଜାର ଟଙ୍କା ଜବତ କରିଥିଲା । ଦୀପକ ନାଁରେ ୧୪ଟି ବମିଙ୍ଗ, ଡକାୟତି, ରବିରୀ ମାମଲା ରହିଥିବାବେଳେ ବ୍ରାଉନ୍ ସୁଗାର କାରବାର ୪ଟି ମାମଲା ବିଭିନ୍ନ ଥାନାରେ ରହିଛି ସେହିପରି ଇମ୍ରାନ୍ ନାଁରେ ବ୍ରାଉନ୍ ସୁଗାର, ଡକାୟତି, କିଡନାପିଙ୍ଗ ଓ ମର୍ଡର ଯୋଜନା ଭଳି ସଂଗୀନ ମାମଲା ରହିଛି । ଦୀପକ ମଲ୍ଲିକ (ବଲିଆ) ପାରାଦ୍ୱୀପ ସ୍ଥିତ ଖୁଣ୍ଟିଆ ଖୁଣ୍ଟିଆ ଗାର୍ମେଣ୍ଟ ଦୋକାନରେ ବମିଙ୍ଗ କରି ଜେଲ୍ ଯାଇ ୨୦୨୩ ମସିହାରେ ବେଲ୍ ଆସିଥିଲା । ଇମ୍ରାନ ଖାନ ମଧ୍ୟ ପୂର୍ବରୁ ବହୁ ସଂଗୀନ ମାମଲାରେ ଜେଲ୍ ଯାଇଥିଲା । ଜଗତସିଂହପୁର ପୋଲିସ କେଶ୍ ନମ୍ବର ୮୦/୨୬ରେ ମାମଲା ରୁଜୁ କରି ଡାକ୍ତରୀ ମାଇନା ପରେ ଦୁଇଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସାମ୍ବାଦିକ ସମ୍ମିଳନୀ ଦ୍ୱାରା ସୂଚନା ପ୍ରଦାନ କରିଥିଲେ ।



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ସହରବାସୀଙ୍କ ଭାବାବେଗ, ଆସ୍ଥା, ବିଶ୍ୱାସ ସହିତ ଜଡ଼ିତ ମା' କଟକ ଚଣ୍ଡୀ । ମା' କଟକ ଚଣ୍ଡୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପୂର୍ବ ସରକାର ଯେବେ ନିଷ୍ପତ୍ତି ନେଲେ, ତାହା ସହରବାସୀଙ୍କ ମଧ୍ୟରେ ଆଶା ଓ ଉତ୍ସାହ ସୃଷ୍ଟି କଲା । ୨୦୨୨ରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ୪ ବର୍ଷ ବିତିବାକୁ ବସିଛି, ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ୨୦୨୬, ମାର୍ଚ୍ଚ ସୁଦ୍ଧା ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି । କିନ୍ତୁ ମନ୍ଦିର ନିର୍ମାଣ ସମ୍ପର୍କିତ ଅନେକ କାର୍ଯ୍ୟ ଓ ନିଷ୍ପତ୍ତିକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି । ବାସ୍ତବରେ ମା' କଟକ ଚଣ୍ଡୀଙ୍କ ଭବ୍ୟ ମନ୍ଦିର ନିର୍ମାଣରେ କିଏ ବାଧକ ସାଜୁଛି ବୋଲି ପ୍ରଶ୍ନ ଉଠୁଛି । ତଥ୍ୟ ଅନୁଯାୟୀ ୨୦୨୩ ଫେବୃୟାରୀ ୨୩ରେ ପୂର୍ତ୍ତ ବିଭାଗ ଚଣ୍ଡୀ ମନ୍ଦିର ନିର୍ମାଣ ସମ୍ପର୍କିତ ପରିବର୍ଦ୍ଧିତ ବ୍ୟୟ ମଞ୍ଜୁର କରିଥିଲା । ମନ୍ଦିର ନିର୍ମାଣରେ ୫୧ କୋଟି ୮୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ମନ୍ଦିରର କେଉଁ କାମରେ କେତେ ଟଙ୍କା ଖର୍ଚ୍ଚ ହେବ ସେ ସମ୍ପର୍କିତ ସବିଶେଷ ବଜେଟ୍ ଓବିସିସିକୁ ଦିଆଯାଇଥିଲା । ମନ୍ଦିର କାମ ତ ସମ୍ପୂର୍ଣ୍ଣ ହୋଇନାହିଁ କିନ୍ତୁ ଯେତିକି କାମ ସମ୍ପୂର୍ଣ୍ଣ ହୋଇଛି, ସେଥିରୁ କେତେକ କ୍ଷେତ୍ରରେ ମଞ୍ଜୁର ଅର୍ଥ ଠାରୁ ବହୁ କମ୍ ଅର୍ଥ ଖର୍ଚ୍ଚ କରାଯିବା ଘଟଣା ଏବେ ମନ୍ଦିରର ଭବ୍ୟତାକୁ ନେଇ ସନ୍ଦେହ ସୃଷ୍ଟି କରିଛି । ପୂର୍ତ୍ତ ବିଭାଗର ବ୍ୟୟ ଅଟକଳ ଅନୁଯାୟୀ ମା' କଟକ ଚଣ୍ଡୀ ମନ୍ଦିର ପରିସରରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର, ସୂର୍ଯ୍ୟ ମନ୍ଦିର ଓ ହନୁମାନ ମନ୍ଦିର ପାଇଁ ୧ କୋଟି ୪୨ ଲକ୍ଷ ୭୫ ହଜାର ୪୮୮ ଟଙ୍କା ଖର୍ଚ୍ଚ ହେବା କଥା । ଅର୍ଥାତ୍ ପ୍ରତ୍ୟେକ ମନ୍ଦିର ପାଇଁ ୪୭ ଲକ୍ଷ ୫୮ ହଜାର ୪୯୬ ଟଙ୍କାର ବଜେଟ୍ ମଞ୍ଜୁର ହୋଇଥିଲା । କିନ୍ତୁ ଲକ୍ଷ୍ମୀନାରାୟଣ ମନ୍ଦିରରେ ୧୦ ଲକ୍ଷ, ସୂର୍ଯ୍ୟ ମନ୍ଦିର ପାଇଁ ୯ ଲକ୍ଷ ଓ ହନୁମାନ ମନ୍ଦିର ପାଇଁ ୯ ଲକ୍ଷ ଟଙ୍କା ବ୍ୟୟ ପାଇଁ କାର୍ଯ୍ୟାଦେଶ କୀର୍ତ୍ତନ ମହାରଣାଙ୍କୁ ଡିଇଏସ୍‌ପିଏଲ୍ ଠିକା ସଂସ୍ଥା ପକ୍ଷରୁ ଦିଆଯାଇଛି । ସେହିଭଳି ଶିବ ମନ୍ଦିର ପାଇଁ ୮୮ ଲକ୍ଷ ୫୨ ହଜାର ୬୨୭ ଟଙ୍କା ମଞ୍ଜୁର ହୋଇଥିବା ବେଳେ କୀର୍ତ୍ତନ ମହାରଣାଙ୍କୁ ୧୮ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି । ଏହି ୪ଟି ମନ୍ଦିର ପାଇଁ ୨ କୋଟି ୩୧ ଲକ୍ଷ ୨୮ ହଜାର ୧୧୫ ଟଙ୍କା ମଞ୍ଜୁର ହୋଇଥିବା ବେଳେ କାର୍ଯ୍ୟାଦେଶ ଦିଆଯାଇଛି ୪୬ ଲକ୍ଷ ୫୦ ହଜାର ଟଙ୍କା । ପ୍ରଶ୍ନ ଉଠୁଛି ଯେ ମା' କଟକ ଚଣ୍ଡୀ ମନ୍ଦିର ପରିସରର ଏହି ୪ଟି ମନ୍ଦିରକୁ ଭବ୍ୟ ଢଙ୍ଗରେ ନିର୍ମାଣ ପାଇଁ ଯେଉଁ ଅର୍ଥ ମଞ୍ଜୁର ହୋଇଥିଲା, ତାହାକୁ କିଏ ଆଉ କେଉଁ ଉଦ୍ଦେଶ୍ୟରେ ଏଭଳି କାଟଛାଣ୍ଟ କଲା ମା' କଟକ ଚଣ୍ଡୀ ମନ୍ଦିରକୁ ନେଇ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଗଡୁଥିବା ବେଳେ ଏହି ମାମଲାର ଇଣ୍ଟରଭେର୍ନ ମନୋଜ ପତି କହିଛନ୍ତି ଯେ ରାଜ୍ୟର ଅନ୍ୟ ମନ୍ଦିରକୁ ଭବ୍ୟ ଢଙ୍ଗରେ ନିର୍ମାଣ ପାଇଁ ବଜେଟ୍ ବୃଦ୍ଧି ସହିତ ଅଧିକ ଆକର୍ଷଣୀୟ କରିବାର ପ୍ରୟାସ ଚାଲିଥିବା ବେଳେ ଏଠି ଏପ୍ରକାର ଓଲଟା ନିଷ୍ପତ୍ତି ଅତ୍ୟନ୍ତ ରହସ୍ୟଜନକ । ସରକାର ହୁଏତ ଏହାର ସମୀକ୍ଷା କରି ତୁରନ୍ତ ହସ୍ତକ୍ଷେପ ଗ୍ରହଣ କଲେ କଟକବାସୀଙ୍କ ଆସ୍ଥା ଓ ଶ୍ରଦ୍ଧା ପ୍ରତି ପ୍ରକୃତ ସମ୍ମାନ ମିଳନ୍ତା ।



## ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳରେ ଗଣତନ୍ତ୍ର ଦିବସ ପାଳିତ



**ଖୋର୍ଦ୍ଧା ରୋଡ଼, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ୭୭ତମ ଗଣତନ୍ତ୍ର ଦିବସ ମହା ଗର୍ବ ଓ ଦେଶପ୍ରେମର ଉତ୍ସାହର ସହିତ ପାଳନ କରାଯାଇଛି । ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରି ଅଧିକାରୀ, କର୍ମଚାରୀ, ସ୍ୱୀକୃତିପ୍ରାପ୍ତ ୟୁନିଅନ୍ ଓ ସଂଘର ପ୍ରତିନିଧି, ECoRWWO ର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଏବଂ ରେଳ କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବୋଧିତ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ତ୍ରିପାଠୀ ଗଣତନ୍ତ୍ର ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯାହା ଆମକୁ ସମ୍ବିଧାନରେ ଲିଖିତ ମୂଲ୍ୟବୋଧକୁ ମନେ ପକାଇଥାଏ ଏବଂ ଏକତା, ଅଖଣ୍ଡତା, ସୁରକ୍ଷା ଏବଂ ଦେଶ ପ୍ରତି ଉତ୍ସର୍ଗୀକୃତ ସେବା ପ୍ରତି ଡିଭିଜନ୍‌ର ପ୍ରତିବଦ୍ଧତାକୁ ପୁନରାବୃତ୍ତି କରିଥିଲେ । ସେ ଜାତୀୟ ବିକାଶ ଏବଂ ସଂଯୋଗୀକରଣରେ ଭାରତୀୟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରମୁଖ ସଫଳତା ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଭାରତୀୟ ରେଳପଥରେ ମୋଟ୍ ଟ୍ରାଫିକ୍ ପରିଚାଳନାରେ ଏକ ନମ୍ବର ସ୍ଥାନ ହାସଲ କରିଛି, ରେକର୍ଡ ଭାଙ୍ଗି ଲୋଡିଂ ଏବଂ ଅନ୍‌ଲୋଡିଂ କାର୍ଯ୍ୟଦକ୍ଷତା ସହିତ ୨୫୬ ନିୟୁତ ଟନ୍‌କୁ ଅତିକ୍ରମ କରିଛି । ଟ୍ରାକ୍ ନବୀକରଣ, ସୁରକ୍ଷା ବାଡ଼, ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର କାର୍ଯ୍ୟକ୍ଷମତା ସହିତ କ୍ଷମତା ବୃଦ୍ଧି, ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଷ୍ଟେସନ୍ ପୁନଃବିକାଶ ଏବଂ ମୋଟ୍ ୧୩,୦୦୦ କୋଟିରୁ ଅଧିକ ଆୟ ସହିତ ଦୃଢ଼ ଆର୍ଥିକ ପ୍ରଦର୍ଶନରେ ଉଲ୍ଲେଖନୀୟ ପ୍ରଗତି ହୋଇଛି । ଶ୍ରୀ ତ୍ରିପାଠୀ ରେଳକର୍ମୀମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟନିଷ୍ଠାକୁ ସ୍ୱୀକାର କରି ୟୁନିଅନ୍, ସଂଘ, ECoRWWO ଓ ମାଧ୍ୟମଙ୍କ ସହଯୋଗ ପ୍ରତି କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଉତ୍ସବକୁ ଅଧିକ ରଙ୍ଗୀନ କରିଥିଲା । କାର୍ଯ୍ୟକ୍ରମର ସମାପ୍ତି ଦେଶ ସେବାରେ ଉତ୍କୃଷ୍ଟତା ସହ କାର୍ଯ୍ୟ କରିବା ପ୍ରତି ନୂତନ ସଙ୍କଳ୍ପ ସହିତ ହୋଇଥିଲା ।

## ମିଲରଙ୍କ ମନମାନି ଯୋଗୁ ଚାଷୀ ହତାଶ ହେଉଛନ୍ତି:ବିଜେଡ଼ି

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଅଭାବରେ ଧାନ ବିକ୍ରି ଚାଲିଛି ସରକାରଙ୍କ ନିର୍ଦ୍ଦେଶକୁ ମିଲରମାନେ ଫୁ କରି ଦେଉଛନ୍ତି । ଚାଷୀମାନେ ସରକାର ମୂଲ୍ୟ ଧାର୍ଯ୍ୟ ଅନୁସାର ୩୧୦୦ ଟଙ୍କାରେ ଧାନ ବିକ୍ରି କରିବା ପହସନରେ ପାଳିଟିଛି । ମଣ୍ଡି ରୁ ମିଲରମାନେ ବିଭିନ୍ନ ଆଳ ଦେଖାଇ ଧାନ ନେଉନାହାନ୍ତି । ଚାଷୀମାନଙ୍କୁ କଟନି ଛଟନି ନାମରେ ଶୋଷଣ କରାଯାଉଛି । ସମଗ୍ର ଯାଜପୁର ଜିଲ୍ଲାରେ ଚାଷୀ ଆନ୍ଦୋଳନ ଦେଖା ଦେଲାନି । ଜିଲ୍ଲାପାଳଙ୍କୁ ଚାଷୀମାନେ ଦାବି ପତ୍ର ଦେଉଛନ୍ତି । କିନ୍ତୁ ଫଳ ଘର ଶୂନ୍ । ଯାଜପୁର ଜିଲ୍ଲାପାଳଙ୍କ ଆହୁତରେ ବ୍ୟାସନଗର ପୌର ପାଳିକା ସଭା ଗୃହରେ ଚାଷୀମାନେ ସରକାରୀ ମୂଲ୍ୟରେ ଧାନ ବିକ୍ରି କରିପାରିବେ ସେ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଧାୟିକା ପ୍ରମିଳା ମଲ୍ଲିକ, ସୁଜାତା ସାହୁ କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ମିଲର ବିଭାଗୀୟ ପଦସ୍ଥ ଅଧିକାରୀ ଓ ବିଜେପି ଦଳର ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ହୋଇଥିଲା । କିନ୍ତୁ ସମାଧାନ ବାହାରିପାରିନଥିଲା ବିରୋଧୀ ଦଳ ସଚେତକ ପ୍ରମିଳା ମଲ୍ଲିକ କହିଲେ ସରକାର ମିଲର ମର୍ଜିରେ ଚାଲୁଛନ୍ତି । ଏ ସରକାର ଚାଷୀ ମରଣ ସରକାର, ସାତ ଦିନ ମଧ୍ୟରେ ଧାନ କିଣିବା ସମସ୍ୟା ଦୂର ନହଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ । ତୁରନ୍ତ ଚାଷୀମାନଙ୍କ ସମସ୍ୟା ଦୂର କରାଯାଉ ।

## ଏମ୍.ସି.ଏଲ୍. ରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ) ଏହାର ମୁଖ୍ୟ କାର୍ଯ୍ୟାଳୟ ସମେତ ଏହାର ସମସ୍ତ କାର୍ଯ୍ୟରତ ୟୁନିଟ୍‌ରେ ଦେଶାତ୍ମବୋଧକ ଉତ୍ସାହ ଏବଂ ଉଲ୍ଲାସ ସହିତ ୭୭ ତମ ଗଣତନ୍ତ୍ର ଦିବସ ପାଳନ କରିଛି । ଏମ୍‌ସିଏଲ୍‌ର ଅଧକ୍ଷ ତଥା



ପରିଚାଳନା ନିର୍ଦ୍ଦେଶକ (ସି.ଏମ୍.ଡି) ଉଦୟ ଅନନ୍ତ କାଓଲେ କମ୍ପାନୀ ମୁଖ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଏମ୍.ସି.ଏଲ ସୁରକ୍ଷା ବଳ, ଓଆଇଏସ୍ଏଫ୍, ଏନ୍‌ସିସି, ସ୍କାଉଟ୍ ଓ ଗାଇଡ୍ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ପଦଯାତ୍ରା ଦଳରୁ ଅଭିବାଦନ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମ୍.ସି.ଏଲ୍.ର ଅଧିକାରୀ ଓ କର୍ମଚାରୀ ତଥା ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଯୋଗଦେଇଥିଲେ । ସି.ଏମ୍.ଡି ଶ୍ରୀ କାଓଲେ ତାଙ୍କ ଅଭିଭାଷଣରେ ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ କୋଇଲା ଶ୍ରମିକଙ୍କ ଅମୂଲ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ । ଫାର୍ଷ୍ଟ ମାଇଲ୍ କନେକ୍ଟିଭିଟି (ଏଫ୍.ଏମ୍.ସି.) ପ୍ରକଳ୍ପରେ ଏମ୍.ସି.ଏଲ୍.ର ଅଗ୍ରଗତି ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ ଯେ ଏମ୍.ସି.ଏଲ୍.ରେ ସାଇଲୋ ଏବଂ ରାପିଡ୍ ଲୋଡିଂ ସିଷ୍ଟମ୍ ଜରିଆରେ ହାରାହାରି ରେକ୍ ଲୋଡିଂ ଦୈନିକ ପ୍ରାୟ ୪୨ ରେକ୍‌ରେ ପହଞ୍ଚିଛି । ଦୀର୍ଘସ୍ଥାୟୀ ଖନନ ପ୍ରକ୍ରିୟା, ଅକ୍ଷୟ ଶକ୍ତି ପଦକ୍ଷେପ ଏବଂ ସିଏସ୍ଆର୍ କାର୍ଯ୍ୟକଳାପ ମାଧ୍ୟମରେ ସାମୁହିକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ମଧ୍ୟ ସେ ଦୋହରାଇଥିଲେ । ଏହି ଅବସରରେ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ କେଶବ ରାଓ, ନିର୍ଦ୍ଦେଶକ (କାର୍ମିକ), ପି.କେ. ପଟେଲ୍, ମୁଖ୍ୟ ସତର୍କତା ଅଧିକାରୀ, ଏ.କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଏସ.କେ. ଝା, ନିର୍ଦ୍ଦେଶକ (ବୈଷୟିକ-ପରିଚାଳନା/ପିଆଣ୍ଡପି) ଉପସ୍ଥିତ ଥିଲେ । ଏହି ବୈଠକରେ ଜାଗୃତି ମହିଳା ମଣ୍ଡଳର ଉପାଧକ୍ଷା ମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କର୍ମଚାରୀଙ୍କ ମଧ୍ୟରେ ଏକତା, ଦେଶପ୍ରେମ ଏବଂ ଜାତୀୟ ଗୌରବର ଭାବନାକୁ ଆହୁରି ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ଅନୁରୂପ ଗଣତନ୍ତ୍ର ଦିବସ ପାଳନ ଓଡ଼ିଶାର ଅନୁଗୁଳ, ଝାରସୁଗୁଡା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅବସ୍ଥିତ ଏମ୍‌ସିଏଲ୍‌ର ବିଭିନ୍ନ କାର୍ଯ୍ୟକ୍ଷମ ୟୁନିଟ୍ ଏବଂ ଖଣି ଅଞ୍ଚଳରେ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

## ଆଇପିଏସ୍‌ର ପୁରୀରେ ଜାତୀୟ ସମ୍ମିଳନୀ-୨୦୨୬

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍), ଭୁବନେଶ୍ୱର, ଆସନ୍ତା ଫେବୃୟାରୀ ମାସ ୧୨ ତାରିଖ, ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜ ଆନୁକୂଲ୍ୟରେ କଲେଜ କନ୍‌ଫରେନ୍ସ ହଲରେ ମେଡ଼ିକାଲ୍ ଟେକ୍ନୋଲୋଜିରେ ଆଧୁନିକ ଗବେଷଣା (Advance Researches in medical Technology) ବିଷୟରେ ଜାତୀୟ ସମ୍ମିଳନୀ ହେବାକୁ ଯାଉଛି । ଏହି ଜାତୀୟ ସମ୍ମିଳନୀରେ ଭାରତର ତଥା ଓଡ଼ିଶାର, ଏଲୋପାଥି, ଆୟୁର୍ବେଦ ଦନ୍ତ, ଫାର୍ମାସି, ହୋମିଓପାଥି ଯୋଗ, ଫିଜିଓଥେରାପି ବିଭାଗର ଛାତ୍ରଛାତ୍ରୀ ଶିକ୍ଷକ, ଚିକିତ୍ସକ, ଅଭିଜ୍ଞ, ବରିଷ୍ଠ ବକ୍ତାମାନେ ଯୋଗଦେଇ ବିସ୍ତୃତ ଆଲୋଚନା ଉପରୋକ୍ତ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରସଙ୍ଗରେ କରି ଓଡ଼ିଶାର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଜନକଲ୍ୟାଣ ନିମନ୍ତେ କରାଯିବ । ସମ୍ମିଳନୀରେ ମୁଖ୍ୟଅତିଥି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ପ୍ରାକ୍ତନ କୁଳପତି ବିହାର କେନ୍ଦ୍ରିୟ କୃଷି ବିଶ୍ୱବିଦ୍ୟାଳୟ ମୁଖ୍ୟବକ୍ତା ପ୍ରଫେସର ଇମିରିଟସ ଡା. ଚତୁର୍ଭୁଜ ଭୂୟାଁ, ବରିଷ୍ଠ ପ୍ରୋକ୍ଟୋଲୋଜିଷ୍ଟ ସମନ୍ୱିତ ଚିକିତ୍ସା ଗବେଷକ, ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ମେଡ଼ିକାଲ୍ ଡାଇରେକ୍ଟର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକ, ଡା. ଦୀନକୃଷ୍ଣ ଦାସ, ପ୍ରାକ୍ତନ ବିଶେଷଜ୍ଞ କ୍ୟାପିଟାଲ୍ ହସ୍ପିଟାଲ୍, ପ୍ରଫେସର ଶାନ୍ତନୁ ଦାସ, ଡା. ଅକ୍ଷୟ କୁମାର ଖିଲାର, ସିନିୟର ମ୍ୟାନେଜର ଇମାମି କମ୍ପାନୀ କୋଲକାତା ପ୍ରମୁଖ ଏବଂ ସ୍ୱାଉକୋଉର ଗବେଷକମାନେ ବକ୍ତବ୍ୟ ରଖିବେ । ସମ୍ମିଳନୀରେ ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆ ପ୍ରିନ୍ସିପାଲ୍ 'କଲେଜ' ସଭାପତିତ୍ୱ କରିବା ବେଳେ ପ୍ରଫେସର ରଞ୍ଜନ କୁମାର କାଷ୍ଟ, ଡା. ପ୍ରମୋଦ ନନ୍ଦ, ଡା. ପ୍ରଭାତ ଆଚାର୍ଯ୍ୟ, ଡା. ସୋନାଲି ଜେନା ପ୍ରମୁଖ ପରିଚାଳନା କରିବେ । ଜାତୀୟ ସମ୍ମିଳନୀରେ ଯୋଗଦେବା ନିମନ୍ତେ ଆଗ୍ରହୀ ଡେଲିଗେଟେସମାନେ ଆଇପିଏସ୍‌ର ମେଲ୍ indianproctologysociety@gmail.com କିମ୍ବା(0) 9556752212ରେ ସମ୍ପର୍କ କରି ପଞ୍ଜିକରଣ ତା୭।୨।୨୬ ରିଖ ପୂର୍ବରୁ କରିବା ପାଇଁ ସୋସାଇଟିର ସମ୍ପାଦକ ଅନୁରୋଧ କରିଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ୨୦୨୬ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ ସୋନପୁର ସହର ସାରା ରାମ୍‌ଧୁନ୍ ପରିବେଷଣ କରାଯାଇଥିଲା ଓ ପ୍ରଭାତ ଫେରି ଭୋର୍ ୫.୩୦ ରୁ ୬.୩୦ ଘଟିକା ପର୍ଯ୍ୟନ୍ତ ପ୍ରଭାତ ଫେରି ଅନୁଷ୍ଠିତ କରାଯାଇଥିଲା । ପରେ ପରେ ସକାଳ ୦୬.୩୦ ଘଟିକା ଠାରୁ ସୋନପୁର ସହର ସ୍ଥିତ ସମସ୍ତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଉପରେ ଜିଲ୍ଲା ପ୍ରଶାସନ ଦ୍ୱାରା ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ୨୦୨୬ ସୁବର୍ଣ୍ଣପୁର ଜିଲ୍ଲାସ୍ଥିତ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ୍ ସାହୁ, ଜାତୀୟ ପତାକା ଉତ୍ତୋଳନ କରି ଜିଲ୍ଲା ସ୍ତରୀୟ ପରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ସମବେତ ଜନତାଙ୍କୁ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । ସେ ଅଭିଭାଷଣରେ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ବିଷୟ ମତ ରଖିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଦେଶ ଓ ସୁବର୍ଣ୍ଣପୁର ଜିଲ୍ଲା ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ କରିଥିଲେ । ତତ୍ ସହିତ ସୁବର୍ଣ୍ଣପୁର ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ମହାନ୍ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ । ଜିଲ୍ଲାରେ ଚାଲୁଥିବା ବିକାଶ ମୂଳକ କାର୍ଯ୍ୟ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ଚଳିତ ବର୍ଷରେ ଖରିଫ ଋତୁରେ ଚାଷୀ ମାନଙ୍କ ଧାନ କ୍ରୟ ସଠିକ୍ ଭାବେ ଚାଲୁଥିବା ବିଷୟ ଜନସାଧାରଣ ଓ ଚାଷୀ ମାନଙ୍କୁ ଅବଗତ କରାଇଥିଲେ । ଚାଷୀଙ୍କ ଧାନ କ୍ରୟରେ କୌଣସି ଚାଷୀ ଅସୁବିଧାର ସମ୍ମୁଖୀନ ହେବେ ନାହିଁ କହିବା ସହିତ ନିର୍ଦ୍ଧାରିତ ସମୟରେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି କହିଥିଲେ । ଏହି ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ପାଳନ ସମାରୋହରେ ୩୫ ଗୋଟି ପରେଡ ଦଳ ଅଂଶ ଗ୍ରହଣ କରିଥିଲେ । ପରେଡରେ ଭଲ ପ୍ରଦର୍ଶନ କରିଥିବା ଦଳ ଗୁଡ଼ିକୁ ବିଚାରକ ମାନଙ୍କ ଦ୍ୱାରା ବିଛାଯାଇ ପ୍ରତି ବର୍ଗର ଶ୍ରେଷ୍ଠ ଦୁଇଟି ପରେଡ ଦଳକୁ ମାନଙ୍କୁ ପରେଡରେ ସମ୍ମାନିତ କରାଯାଇଥିଲା । ପରେଡରେ ବିଭିନ୍ନ ବିଭାଗର ୧୫ ଗୋଟି ପ୍ରଜ୍ଞାପନ ମେଢ଼ ଜିଲ୍ଲା ସ୍ତରୀୟ ପରେଡରେ ଅଂଶ ଗ୍ରହଣ କରିଥିଲେ । ବିଚାରକ ମାନଙ୍କ ଦ୍ୱାରା ଶ୍ରେଷ୍ଠ ତିନୋଟି ପ୍ରଜ୍ଞାପନ ମେଢ଼କୁ ପରେଡରେ ସମ୍ମାନିତ କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲାର ୬ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ସୁବର୍ଣ୍ଣପୁର ଜିଲ୍ଲା ଜନସାଧାରଣ, ବୁଦ୍ଧିଜୀବୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ, କର୍ମଚାରୀ, ନିର୍ବାଚିତ ପ୍ରତିନିଧିଙ୍କ ସମେତ ବିଭିନ୍ନ ସମ୍ବାଦପତ୍ର ଗୁଡ଼ିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ଟୋକନ ମିଳୁନି ଧାନ ଉଠୁନି:ଚାଷୀ ହନ୍ତସନ୍ତ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ଏବଂ ସାନଖେମୁଣ୍ଡି ଅଞ୍ଚଳ ଚାଷୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି ମଣ୍ଡି ବ୍ୟବସ୍ଥା । ଏପାଖରେ ଟୋକନ ମିଳୁନି ଅନ୍ୟପଟେ ବସ୍ତା ପିଛା ଅଘୋଷିତ ୪ରୁ ପାଞ୍ଚ କିଲୋ ଧାନ କାଟୁଛନ୍ତି ମିଲର । ବ୍ୟୟ ବହୁଳ ଧାନ ଚାଷ କରି ଏବେ ହତାଶ ଚାଷୀ । ସ୍ଥାନୀୟ ପ୍ରଶାସନ ଏବଂ ବିଭିନ୍ନ ଗଣମାଧ୍ୟମକୁ ବିସ୍କୁଟ ଫିଙ୍ଗି କଙ୍ଗାରୁ ମିଟିଂ କରି ଧାନ ଉଠାଉଛନ୍ତି । ସମବାୟ କେନ୍ଦ୍ର ଏବଂ ନେତାଙ୍କ ମଧୁଚନ୍ଦ୍ରିକାରେ ବଳି ପଡୁଛନ୍ତି ଚାଷୀ ଏବଂ ଭାଗ ଚାଷୀ । ସରକାର ଏହାର ସ୍ଥାୟୀ ସମାଧାନ ନକଲେ ଆଗାମୀ ଦିନରେ ଚାଷୀ ମୃତ୍ୟୁ ସୁନିଶ୍ଚିତ । ଟାର୍ଗେଟ୍ ପୂରଣ ହେଇଯାଇଥିବା ମିଲ୍ ଗୁଡ଼ିକୁ ପୁନଃନବିକରଣ ଆଦେଶ ନମିଳିଲେ ଚଳିତ ବର୍ଷର ଧାନ ସମ୍ପୂର୍ଣ୍ଣ ଉଠିବା କଷ୍ଟକର ବ୍ୟାପାର । ଏହାକୁ ନେଇ ଚାଷୀ ନେତା କୈଳାସଚନ୍ଦ୍ର ପାତ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାର ସ୍ଥାୟୀ ସମାଧାନ ନକଲେ ଆମେ ରାଜରାସ୍ତାକୁ ଓହ୍ଲାଇବୁ କହିଛନ୍ତି ।



## ପଥପ୍ରାନ୍ତ ଉତ୍ସବରେ ମହାରାଜ କଂସ ଦେଲେ ଭୋଟର ସଚେତନତା ବାର୍ତ୍ତା

### ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶନୀ ଏବଂ ପଦଯାତ୍ରା ଦ୍ୱାରା ଭୋଟର ସଚେତନତା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବରଗଡ଼ଙ୍କ ଅଧ୍ୟକ୍ଷତାରେ ୧୬ତମ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ଏହି ଅବସରରେ ଗାନ୍ଧିଛକ ଠାରୁ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଭୋଟର ସଚେତନତା ଶୋଭାଯାତ୍ରା ଆୟୋଜିତ ହେବା ସହ ଗାନ୍ଧୀଛକ ଠାରେ ଏକ ସଚେତନତା ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା । ଏବଂ ସଭା ପ୍ରାଙ୍ଗଣରେ ଏକ ରଙ୍ଗୋଲି ପ୍ରଦାଶନୀ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଯାଇଥିଲା । ପଥପ୍ରାନ୍ତ ଉତ୍ସବରେ ବାଲ୍ ଧନୁଯାତ୍ରାର ମହାରାଜ କଂସଙ୍କ ସମେତ ତାଙ୍କ ପାତ୍ରମନ୍ତ୍ରୀ ଗଣ, ଦୁଲଦୁଲି ବାଦ୍ୟ, ବଂଶୀ ବାଦନ, ବ୍ୟାଣ୍ଡ ପ୍ରଦର୍ଶନୀ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଉପସ୍ଥିତ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସ୍ଥାନାନ୍ତରିକଣ, ଅପସାରଣ, ଆଦି ପ୍ରକ୍ରିୟା ବିଷୟରେ ଅବଗତ କରିବା ସହ ସୁସ୍ଥ ଗଣତନ୍ତ୍ରରେ ଯୁବପିଢ଼ିର ଭୂମିକା ଉପରେ ଗୁରୁତ୍ୱାରୋପ କରି ସଚେତନ ଭୋଟର ହେବାପାଇଁ ଉପଦେଶ ଦେଇଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ନିଜ ଛାତ୍ର ଜୀବନର ଅନୁଭୂତି କହି ଆଜିର ଯୁବପିଢି କିପରି ସୁଦୃଢ଼ ଗଣତନ୍ତ୍ର ଗଠନରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ, ତାଙ୍କର ଦିଗ୍‌ଦର୍ଶନ ଦେଇଥିଲେ । ଯୁବପିଢିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆୟୋଜିତ ହୋଇଥିବା ଉଭୟ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ବକ୍ତୃତା, ରଚନା ଲିଖନ, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ନିର୍ବାଚନ ମଣ୍ଡଳୀ ସ୍ତରରେ ଉତ୍କୃଷ୍ଟ କାମ ପ୍ରଦର୍ଶନ କରିଥିବା ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଉତ୍ସବରେ ବରଗଡ଼ ଡେପୁଟୀ ଜିଲ୍ଲାପାଳ, ନିର୍ବାଚନ ସୂର୍ଯ୍ୟମଣୀ ଭୋଇଙ୍କ ସମେତ ଡିଇଜିଏମ୍ ମସ୍ତରାମ ଛନ୍ଦ, ଏଚ୍.ଆର୍.ଏମ୍.ଏସ୍. ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ଏବଂ ଜିଲ୍ଲା ନିର୍ବାଚନ ଉପବିଭାଗର ସମସ୍ତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚଳନରେ ସହଯୋଗ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଞ୍ଚ ପରିଚାଳନା କରିଥିଲେ ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୫ର / ୬ବୃ | ୪ | ୩ଶ / ରା୨ |
| ୭ | ୩ / ୨ | ବୁରଶୁମଳ |
| ୮କେ / ୯ | ୧୦ | ୧୨ / ୧୧ |

**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୧।୨୦୨୬, ମାଘ ଦି୧୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୬।୨୪।୪୩ ଚନ୍ଦ୍ରୋଦୟ- ଦିଘ ୧୨।୫୦।୧୮**

**ଦଶମୀ-** ଦିଘ ୪।୩୮ ପର୍ଯ୍ୟନ୍ତ । **କୃତ୍ତିକା ନକ୍ଷତ୍ର-** ଦିଘ ୯।୨୮ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର, ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୪।୩୮ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୬ ମଧ୍ୟେ । ଦିଘ ୧।୫୨ ଗତେ ଦିଘ ୪।୫୦ ମଧ୍ୟେ । **ପର୍ବୋତ୍ସବ-** ଲାଲା ଲଜପତ ରାୟ ଜୟନ୍ତୀ ।



**ମେଷ:** ଲାଗି ରହିଥିବା ବିବାଦର ସମାଧାନ ହେବ । ଭ୍ରମଣ ଯୋଗ ରହିଛି । ମହିଳାମାନେ ସଫଳତା ହାସଲ କରିବେ । ଆୟ ଯୋଗ ମଧ୍ୟ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ବୃଷ:** ଶରୀର ସୁସ୍ଥ ରହିବ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ସୁଦୃଢ ହେବ । ଘରେ ଆନନ୍ଦ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଦେବ ଦର୍ଶନ ସହ ପୂଜା ମଧ୍ୟ କରିପାରନ୍ତି ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । କର୍ମକ୍ଷେତ୍ରରେ ନୂତନ କର୍ମାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ପିଲାମାନେ ପାଠପଢାରେ ମନ ଦେବେ ।



**କର୍କଟ:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ଅର୍ଥ ପ୍ରାପ୍ତି ହୋଇପାରେ । ବ୍ୟବସାୟରେ ଲାଭବାନ୍ ହେବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ଦର୍ଶନ ସହିତ ଖୁସି ଜମିବ ।



**ସିଂହ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହୋଇପାରନ୍ତି ।



**କନ୍ୟା:** ସମସ୍ତ କ୍ଷେତ୍ରରେ ବିଜୟ ହାସଲ କରିବେ । ନୂତନ କର୍ମାରମ୍ଭ ମଧ୍ୟ କରିପାରନ୍ତି । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।



**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ଘଟିବ । ଐଶ୍ୱର୍ଯ୍ୟ ପ୍ରାପ୍ତ ହେବେ । ଚାକିରୀ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଶରୀର ସୁସ୍ଥ ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଖର୍ଚ୍ଚର ମାତ୍ରା ଅଧିକ ହେବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।



**ଧନୁ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ପରୋପକାର କରି ଆନନ୍ଦିତ ହେବେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ଦେବ ଦର୍ଶନ ସହିତ ଭ୍ରମଣ କରିବାର ସୁଯୋଗ ।



**ମକର:** ଦେହ ଭଲ ରହିବ । ଆୟର ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ ।



**କୁମ୍ଭ:** ବ୍ୟବସାୟରେ ସଫଳତା ମିଳିବ । ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ସୁଖ ଶାନ୍ତି ଲାଭ ହେବ ।



**ମୀନ:** ସାମାଜିକ ସ୍ତରରେ ସମ୍ମାନିତ ହେବେ । କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଆୟ ଯୋଗ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୯।୦୧।୨୦୨୬, ମାଘ ଦି୧୬ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୬।୨୫।୪୦ ଚନ୍ଦ୍ରୋଦୟ- ଦିଘ୧।୫୦।୩୬**

**ଏକାଦଶୀ-**ଦିଘ୧।୫୫ ପର୍ଯ୍ୟନ୍ତ ରୋହିଣୀ ନକ୍ଷତ୍ର । ପ୍ରାଘ ୭।୩୨ ଗତେ ମୃଗଶିରା ନକ୍ଷତ୍ର । **ବୃଷଚନ୍ଦ୍ର-** ସଂଘ ୬।୫୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-**ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ ମୀନ ରାଶିର ସଂଘ ୬।୩୨ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ସଂଘ ୬।୩୨ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ଦିଘ ୧।୫୫ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୨୮ ଗତେ ଦିଘ ୭।୫୦ ମଧ୍ୟେ । ଦିଘ ୧୦।୫୪ ଗତେ ଦିଘ ୧।୦୮ ମଧ୍ୟେ । **ପର୍ବୋତ୍ସବ-** ଭୌମୀ (ବଡ଼) ଏକାଦଶୀ, ବ୍ୟାସ ସରୋବର ଯାତ୍ରା, ଲକ୍ଷ୍ମୀ ନାରାୟଣ ବ୍ରତ, ଭୀମ ଦ୍ୱାଦଶୀ, ବରାହ ଦ୍ୱାଦଶୀ, ବରାହ ଜୟନ୍ତୀ, ବର୍ଣ୍ଣବୋଧ ବିଦ୍ୟା, ଭକ୍ତକବି ମଧୁସୂଦନ ରାଓ ଜୟନ୍ତୀ, ଅଚ୍ୟୁତାନନ୍ଦ ଜୟନ୍ତୀ ।

ସମ୍ପାଦକୀୟ

32 YEARS ସମ୍ବାଦ କଳିକା

## ଭାରତ-ଇୟୁ ମଧ୍ୟରେ ବଡ଼ ଡିଲ୍ ସଫଳ ହେବ ୧୮ ବର୍ଷର ପ୍ରୟାସ

ଆର୍ଥିକ ବର୍ଷ ୩୧ ସୁଦ୍ଧା ଇୟୁ ସହିତ ଭାରତର ବାଣିଜ୍ୟ ବଳକା ୫୧ ବିଲିୟନରେ ପହଞ୍ଚିବ ବୋଲି ଆଶା କରାଯାଉଛି । ରିପୋର୍ଟ ଅନୁଯାୟୀ, ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ FTA ଉପରେ ଆଲୋଚନା ପ୍ରାୟ ଏକ ଦଶନ୍ଧି ପୂର୍ବେ ଆରମ୍ଭ ହୋଇଥିଲା, କିନ୍ତୁ ବର୍ଦ୍ଧିତ ବିଶ୍ୱ ବାଣିଜ୍ୟ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି, ଉଭୟ ଦେଶ ଏହାକୁ ତ୍ୱରାନ୍ୱିତ କରିଛନ୍ତି। ଅଳ୍ପ ସମୟ ପରେ ପ୍ରତୀକ୍ଷା ହେବ ଶେଷ। ଆମେରିକାର ଟାରିଫ ଭୟ ଭିତରେ ଭାରତ ସହ ୟୁରୋପୀୟ ସଂଘ କରିବାକୁ ଯାଉଛି ବଡ ବାଣିଜ୍ୟିକ ଚୁକ୍ତି । ଶେଷରେ, ୧୮ ବର୍ଷର ପ୍ରୟାସ ଫଳ ଦେବାକୁ ଯାଉଛି । ଭାରତ ଏବଂ ୟୁରୋପୀୟ ସଂଘର ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ( FTA ) ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହାକୁ 'ମଦର ଅଫ୍ ଅଲ୍ ଡିଲ୍' ବୋଲି କୁହାଯାଉଛି । ୨୦୦୭ ମସିହାରୁ ୧୮ ବର୍ଷ ଧରି ଚାଲିଥିବା ଏହି ବାଣିଜ୍ୟ ଚୁକ୍ତିନାମା ପାଇଁ ଆଲୋଚନା ଶେଷରେ ସଫଳ ହୋଇଛି । ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ଏହି ଐତିହାସିକ ଚୁକ୍ତିନାମା ଉପରେ ମୋହର ଲାଗିଛି ଏବଂ ମଙ୍ଗଳବାର ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବ । ଆର୍ଥିକ ବର୍ଷ ୩୧ ସୁଦ୍ଧା ଇୟୁ ସହିତ ଭାରତର ବାଣିଜ୍ୟ ବଳକା ୫୧ ବିଲିୟନରେ ପହଞ୍ଚିବ ବୋଲି ଆଶା କରାଯାଉଛି । ରିପୋର୍ଟ ଅନୁଯାୟୀ, ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ FTA ଉପରେ ଆଲୋଚନା ପ୍ରାୟ ଏକ ଦଶନ୍ଧି ପୂର୍ବେ ଆରମ୍ଭ ହୋଇଥିଲା, କିନ୍ତୁ ବର୍ଦ୍ଧିତ ବିଶ୍ୱ ବାଣିଜ୍ୟ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି, ଉଭୟ ଦେଶ ଏହାକୁ ତ୍ୱରାନ୍ୱିତ କରିଛନ୍ତି । ସ୍ୱିଜରଲ୍ୟାଣ୍ଡରେ ଆୟୋଜିତ ଦାବୋସ ସମ୍ମିଳନୀରେ ଇୟୁ ଅଧକ୍ଷା ଉର୍ସୁଲା ୱାର୍ଣ୍ଡ ଓ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଲୁଇସ ସାଣ୍ଟୋସ ଭାରତ ସହ ଚୁକ୍ତି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ୟୁରୋପୀୟ ସହ ଭାରତର ବାଣିଜ୍ୟ ୫୧ ବିଲିୟନ ଡଲାରରେ ପହଞ୍ଚିବା ଆଶା– ଆର୍ଥିକ ବର୍ଷ ୩୧ ସୁଦ୍ଧା ଇୟୁ ସହିତ ଭାରତର ବାଣିଜ୍ୟ ବଳକା ୫୧ ବିଲିୟନରେ ପହଞ୍ଚିବ ବୋଲି ଆଶା କରାଯାଉଛି। ରିପୋର୍ଟ ଅନୁଯାୟୀ, ବିଶ୍ୱର ଦୁଇ ବୃହତ୍ ଅର୍ଥନୀତି ମଧ୍ୟରେ ଏଫଟିଏ ଆଲୋଚନା ପ୍ରାୟ ଏକ ଦଶନ୍ଧି ପୂର୍ବରୁ ଆରମ୍ଭ ହୋଇଥିଲା, କିନ୍ତୁ ବର୍ଦ୍ଧିତ ବିଶ୍ୱ ବାଣିଜ୍ୟ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି, ଉଭୟ ଦେଶ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଭାରତର ମୋଟ ରପ୍ତାନିରେ ଇୟୁ ର ଅଂଶକୁ ଆର୍ଥିକ ବର୍ଷ ୨୦୨୫ରେ ୧୭.୩ ପ୍ରତିଶତରୁ ପ୍ରାୟ ୨୨-୨୩ ପ୍ରତିଶତକୁ ବୃଦ୍ଧି ହୋଇପାରେ । ଯାହା ଭାରତର ରପ୍ତାନି ଅଭିବୃଦ୍ଧିକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ । ଭାରତର ଶିଳ୍ପଗୁଡ଼ିକୁ ବଡ଼ ବଜାର ମିଳିବ– ଏହି ମୁକ୍ତ ବାଣିଜ୍ୟିକ ଚୁକ୍ତି ଦ୍ୱାରା ଭାରତର ଶ୍ରମ-କେନ୍ଦ୍ରିକ ଶିଳ୍ପ ଯେପରିକି ବୟନ, ଚପଲ, ଇଲେକ୍ଟ୍ରୋନିକ୍ସ, ଯନ୍ତ୍ରପାତି ଏବଂ ରାସାୟନିକ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ମିଳିବ। ଆର୍ଥିକ ବର୍ଷ ୨୫ରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ମୋଟ ୧୩୬ ବିଲିୟନ ଡଲାରର ବାଣିଜ୍ୟ ହୋଇଥିଲା । ଏହି ସମୟ ମଧ୍ୟରେ, ଭାରତ ଇୟୁ ରୁ ୬୦.୭ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରିଥିଲା ଏବଂ ୟୁରୋପକୁ ୭୫.୯ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିଲା । ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ର ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ, ଇୟୁକୁ ଭାରତର ରପ୍ତାନି, ଯେଉଁଥିରେ ସ୍ମାର୍ଟଫୋନ୍, କପଡ଼ା, ଚପଲ, ଟାୟାର, ଔଷଧ, ଅଟୋ ପାର୍ଟସ୍, ପ୍ରକ୍ରିୟାକୃତ ଇନ୍ଧନ ଏବଂ ହୀରା ଅନ୍ତର୍ଭୁକ୍ତ ।

## ଶ୍ୟାମଳୀ ମ୍ୟାଡ଼ାମ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପ୍ରତିଦିନର ସନ୍ଧ୍ୟାକାଳୀନ ମେଳରେ ଶ୍ୟାମଳୀ ସୁନ୍ଦରୀଙ୍କୁ ନ ଦେଖି ସେଠାରେ ଉପସ୍ଥିତ ଥିବା ରାଜ୍ୟର ଜଣେ ପୂର୍ବତନ ପ୍ରଶାସକ ତଥା ଆମ ଦଳପତି ପଚାରିଲେ, "ତୁମ ମ୍ୟାଡମ ଆଜି କାହିଁ ଦେଖାଯାଉ ନାହାନ୍ତି ?" ମୋର ଉତ୍ତର ଥିଲା "ତାଙ୍କ ଦେହ ଖରାପ ଅଛି।" ଠିକ୍ ସେତିକିବେଳେ ଟେଲିଫୋନ୍‌ରେ ସୁନ୍ଦରୀଙ୍କ ସ୍ୱର ଭାସି ଆସିଲା। ପଚାରିଲେ "ସେଠାରେ ଆଜି କିଏ ସବୁ ଅଛନ୍ତି ?" ମୁଁ ଉତ୍ତର ଦେଲି, "ତୁମେ ତ ଆସିନାହଁ। ଅନ୍ୟ କାହା କଥା କାହିଁକି ପଚାରୁଛ ? ସାର୍ କେବଳ ଆସି ତୁମ କଥା ପଚାରୁଥିଲେ।" ସାର୍‌ଙ୍କ ପ୍ରଶ୍ନ ଓ ମୋର ଉତ୍ତର ତାଙ୍କୁ କହିଦେବାରୁ ତାଙ୍କ ଆଡୁ କେବଳ ହସର ଜୁଆର ଭାସିଆସିଲା। ଆଉ କହିଲେ, "କାଲି କଥା ହେବା।" ପରଦିନ ସୁନ୍ଦରୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଯିବା ବାଟରେ ସେ ମୋତେ ପଚାରିଲେ, "କାଲି ଯାହା ସାର୍ କହିଲେ, "ତୁମ ମ୍ୟାଡମ୍ କୁଆଡ଼େ ଗଲେ ତାହା ସେ କେବେହେଲେ କହି ନଥିବେ ? ତୁମେ କେବଳ ଲଗେଇ କହୁଛ।" ମୁଁ ଉତ୍ତର ଦେଲି, "ତେବେ ମୁଁ କ'ଣ ମିଛୁଆ ?" ହଉ ହେଲା, ଆଉ ଅଧିକ କିଛି ନକହି ଚୁପ୍ ହୋଇଗଲି। କାଳେ କଥା କହିବାରେ ପୁଣି ତୁଣ୍ଡରୁ ଖସି କ'ଣ ଗୋଟାଏ ଅଘଟଣ ଘଟିଯିବ ? ହୁଏତ ଗାଲ ପାଖକୁ ତାଙ୍କର କଅଁଳ ହାତଟା ଚାଲି ଆସିପାରେ। ତେଣୁ କଥାରେ ଅଛି ସାଧୁ ସାବଧାନ। ତେବେ ବାଜିଥିଲେ ବି ମୋର ଦୁଃଖ ନଥିଲା। ମ୍ୟାଡମଙ୍କ ଗୋଡ଼ର ପାଦ ତଳକୁ ହାତରେ ଧରି କଣ୍ଟା କାଢ଼ିବା ଯିଏ କରିସାରିଛି ତେବେ ଆଉ ଡର କାହିଁକି ? ଶ୍ରୀଗୀତଗୋବିନ୍ଦରେ ନିଜେ ମହାପ୍ରଭୁ ତ ଶ୍ରୀରାଧାଙ୍କ ପାଦକୁ ତାଙ୍କ ମୁଣ୍ଡରେ ଥାପିବାକୁ କହିଥିଲେ। ତାକୁ ପୁଣି ମହାକବି ଶ୍ରୀଜୟଦେବ ତାଙ୍କ କାବିକ୍ୟ ଭାଷାରେ ଏପରି ଲେଖିଲେ ଯେ ତାହା ପ୍ରାୟ ହଜାରେ ବର୍ଷ ପାଖାପାଖି ହୋଇଥିଲେ ବି କାଲିପରି ଲାଗୁଛି। ତେବେ ଏପରି ଧରାଧୂଳିରେ ଜନ୍ମ ନେଇଥିବା ମୋ ଭଳି ଜଣେ ଅପଦାର୍ଥ କ'ଣ ବା ଭୁଲ କଲା ? ପାଠକେ ଏବେ ତାହାସବୁକୁ ବିଚାରକୁ ନିଅନ୍ତୁ। ଏହି କଥା ସୁନ୍ଦରୀଙ୍କୁ କହିବାରୁ ସେ ରାଗରେ ପଞ୍ଚମ। କହିଲେ, "ଠାକୁରଙ୍କ କଥା ଏଠାରେ ଉପମା ଦିଅନାହିଁ ? ତୁମେ ଲେଖିବା ଲୋକ। ପୁଣି କିଛି ଯଦି ଏହା ଉପରେ ଆଲୋଚନା କର ବା ରଚନା ଲେଖ ତେବେ ତୁମ ଇଜ୍ଜତ ସାରିଦେବି। ମୁଁ ଯେତିକି ଭଲ ସେତିକି ମନ୍ଦ। ହାଁ ! ତାହା ତୁମେ ଠିକ୍ ଜାଣିଛ।" ଥରେ ମୋତେ ପଛରୁ ଏମିତି ଠେଲିଦେଲେ ଯେ ଚୌକି ବାଡ଼ରେ ହାତ ବାଡ଼େଇ ହୋଇ ଆଜି ପର୍ଯ୍ୟନ୍ତ ଡାହାଣ ହାତ ପାପୁଲିଟା ଜଖମ ରହିଛି। ଏକଥା କହିବାରୁ ସେ କହି ବୁଲନ୍ତି ଯେ ସେ ଠେଲି ନାହାନ୍ତି। ମୋ ଦୋଷରୁ ମୁଁ କୁଆଡ଼େ ପଡ଼ିଯାଇଛି। ତେଣୁ ମୋତେ ତାଙ୍କୁ ବହୁ ଡର। ସୁନ୍ଦରୀଙ୍କର ଏପରି ତାଗିଦ୍‌ରେ ମୋତେ ଆଗକୁ ପଛକୁ ଦେଖିବାକୁ ପଡ଼ିଲା। ହାତରେ ବୋହୁଥିବା ତାଙ୍କ ଗଣ୍ଠିଲିଟାକୁ ଦେଖାଇ କହିଲି "ମ୍ୟାଡମ୍। ମୋର ଇଜ୍ଜତଟା ତୁମର ଏହି ଗଣ୍ଠିଲି ଭିତରେ ବାନ୍ଧି ଦେଇଛି। କାଳେ ତୁମେ ସାରିଦେବ ସେହି ଭୟରେ ଏଇଟାକୁ ତୁମ ହାତକୁ ନ ଦେଇ ମୁଁ ଧରି ତୁମ ପଛରେ ପରା ଘୁରୁଛି।" ସୁନ୍ଦରୀଙ୍କଠାରୁ କଡ଼ା ତାଗିଦ୍ ଆସିଲା "ଚୁପ୍, ଚୁପ୍! ଯେତିକି କହିଲ କଥାଟା ସେଇଠି ଥାଉ।" ଜଗନ୍ନାଥଙ୍କୁ ଡାକିଲି, "ହେ ପ୍ରଭୁ!" ଏତିକି କହି ଉପରକୁ ଚାହିଁ ହାତ ଯୋଡ଼ିଦେଲି। କୁରୁସଭାରେ ଏହିପରି ଦୁଇହାତ ଯୋଡ଼ି ମାତା ଦ୍ରୌପଦୀ ଉପରକୁ ଚାହିଁବା ପରେ ତାଙ୍କ ଇଜ୍ଜତ ପ୍ରଭୁ ରଖିଦେଲେ। ତା'ର ପରଦିନ ସନ୍ଧ୍ୟାବେଳର କଥା। ଆମେ ଏକାଠି କେତେଜଣ ବସିଥାଉ। ପ୍ରଶାସକ ସାର୍ ମଝିରେ ବସି କଥାର ଆସର ବେଶ୍ ଜମାଉଥାନ୍ତି। ଏତିକିବେଳେ ହଠାତ୍ କବାଟ ଖୋଲି ଶ୍ୟାମଳି ମ୍ୟାଡ଼ମଙ୍କର ହେଲା ଆବିର୍ଭାବ। ତାଙ୍କୁ ଦେଖି ସାର୍ ଆଗରୁ ଦୁଇହାତ ଯୋଡ଼ି ଜୋର୍‌ରେ 'ନମସ୍କାର' କହି ପକାଇଲେ। ସୁନ୍ଦରୀ ମଧ୍ୟ ହସି ହସି ଯୋଡ଼ହସ୍ତରେ ପ୍ରତି ନମସ୍କାର ତାଙ୍କୁ ଜଣାଇଲେ। ମୋତେ କଥାଟା କାହିଁକି ଅଡୁଆ ଲାଗିଲା। ପରଦିନ ସାର୍‌ଙ୍କୁ ପଚାରିଲି, "ଆପଣ ତ ବୟସ, ଜ୍ଞାନ ଓ କ୍ଷମତାରେ ସୁନ୍ଦରୀଠାରୁ ବହୁ ଅଧିକ। ତେବେ ଏପରି ନମସ୍କାର ଆପଣଙ୍କଠାରୁ ଯଥେଷ୍ଟ କମ୍ ବୟସ୍କାଙ୍କୁ କାହିଁକି କଲେ ?" ତାଙ୍କର ଉତ୍ତର ଥିଲା, "ଆପଣ ତ ମୋଠାରୁ ବୟସରେ ବଡ଼। କଥାଟା ଆଉ କ'ଣ ତୁମକୁ ସବୁ ବୁଝେଇ କହିବି ?" ମୋ ମୁହଁରେ ମୁରୁକୁନ୍ଦିଆ ହସଟାଏ ଫୁଟିଉଠିଲା। ଏବେ ଜାଣିଲି ଯେ ଶ୍ରୀଜଗନ୍ନାଥେ ମୋ ଇଜ୍ଜତଟାକୁ ରଖିଦେଲେ। ଆଉ ମୁଁ ଏବେ ମିଛୁଆ ନୁହେଁ। ଘଟଣାର ଦୁଇଦିନ ପରେ ସୁନ୍ଦରୀକୁ ନେଇ ପୁଣି ଡାକ୍ତର ପାଖକୁ ଯିବା ବାଟରେ ଭେଟିଲି ଜଣେ ୨୮ ବର୍ଷର ସୁଶ୍ରୀ ବଙ୍ଗ ଲଳନାକୁ। ସେ ଥିଲେ ଜଣେ ସାମ୍ବାଦିକା। ତାଙ୍କର କହିବା, ଚାଲିବା ଓ କାର୍ଯ୍ୟଶୈଳୀରେ ଥିଲା ବେଶ୍ ମାଦକତା। ହଠାତ୍ କହିପକାଇଲି ଆମ ଓଡ଼ିଆଣୀଗୁଡ଼ାକ ତୁମମାନଙ୍କ ସହିତ ଆଦୌ ମେଳ ଖାଇବେ ନାହିଁ। ନାଗୁଣୀ ଭଳି ଫଁ ଫଁ ଗର୍ଜନ କରିଉଠିଲେ ଶ୍ୟାମଳୀ ସୁନ୍ଦରୀ। କହିଲେ, "କ'ଣ କହିଲ ? ଆମେ ଓଡ଼ିଆଣୀ, ପୁଣି ଅସୁନ୍ଦରୀ। ତେବେ ତୁମେ କାହିଁକି ମୋ ପଛରେ ଗୋଡ଼ାଉଛ ?" ମୋ ଅକଲ ଗୁଡୁମ୍। ସେତିକି ନୁହେଁ, ମୋ ସଙ୍ଗରେ କଥା ହେବା ବି ବନ୍ଦ କରିଦେଲେ। ବାଟରେ ଯାହା ପଚାରୁଥିଲି ତାହାର ଉତ୍ତର ବି କିଛି ମିଳୁନଥିଲା। ସୁନ୍ଦରୀଙ୍କ କହିବାରେ ବଙ୍ଗ ତନୟାଟି ଦୌଡ଼ିଯାଇ ପାଖ ଦୋକାନରୁ ଥଣ୍ଡା ପାଣି ଆଣି ତାଙ୍କୁ ପିଇବାକୁ ଦେଲେ। ପାଣି ପିଇ ନଥିଲେ ଅବସ୍ଥା ବି ହୋଇଯାଇଥାନ୍ତା ଅସମ୍ଭାଳ। ତାଙ୍କୁ ଡାକ୍ତରଖାନାକୁ ପୁଣି ଫେରାଇ ନେଇ ସାଲାଇନ ଦେବାକୁ ପଡ଼ିଥାନ୍ତା। ଯାହାହେଉ ବଙ୍ଗ ଲଳନାଙ୍କ ଥଣ୍ଡା ପାଣି ତାଙ୍କ ରାଗକୁ କିଛି ମାତ୍ରାରେ ସମ୍ଭାଳି ଦେଇଥିଲା। ମେଲାଣି ନେଇ ଆସିଲାବେଳେ ତରୁଣୀ ସାମ୍ବାଦିକାଙ୍କୁ କହିଲି, "ସେ ହେଉଛନ୍ତି ଶ୍ୟାମଳି ସୁନ୍ଦରୀ, ବହୁ ଭଲ ଗୀତ ବୋଲନ୍ତି। ଆକାଶବାଣୀ ଓ ଦୂରଦର୍ଶନର ଏକ ନମ୍ବର କଳାକାର। ତାଙ୍କ ପାଇଁ କିଛିଟା ତୁମ କାଗଜରେ ଲେଖ।" ପାଠକେ, ପ୍ରଥମ ଦେଖାରୁ ମୁଁ ଯଦି ଆଜି 'ଆଜ୍ଞାଧୀନ' ହୋଇ ଏପରି ଅବସ୍ଥାକୁ ଆସିଲିଣି ତେବେ ଆପଣମାନେ କେବେହେଲେ ମୋ ପରି ଅବାଟରେ ଯାଆନ୍ତୁ ନାହିଁ। ନଚେତ୍ ମୋରି ଭଳି ଆପଣଙ୍କୁ ଏପରି ଅବସ୍ଥା ନିଶ୍ଚିତ ଭୋଗ କରିବାକୁ ପଡ଼ିବ।

ବୟସର ଚକ ବେଶ୍ ଗଡ଼ି ଯାଇଛି। ମୁଣ୍ଡର ବାଳଗୁଡ଼ିକ ଏବେ ସଫେଦ୍ ହୋଇ ଆସିଲାଣି। ସେହିଭଳି ସୁନ୍ଦରୀଙ୍କ କଳା ମଚମଚ ତରଙ୍ଗାୟିତ କୁଞ୍ଚିତ ଘନକେଶ ମଧ୍ୟରୁ ଧଳାଗୁଡ଼ାକ ବି ଲୁଚକାଳି ଖେଳିବା ଆରମ୍ଭ କରିଦେଲେଣି। ଜୀବନର ପ୍ରତିଦିନର ଘଟଣା ହିଁ ଆସନ୍ତାକାଲିର ହୋଇଯାଉଛି ପଛ କଥା। ଦତ୍ତାତ୍ରେୟଙ୍କ ୨୪ଗୁରୁ ବରଣ କରିବା ଭଳି ଜୀବନରେ ବହୁ ଗୁରୁଙ୍କଠାରୁ କିଛି ଶିଖିବାର ଅଛି। ସେହିଭଳି ଶ୍ୟାମଳି ସୁନ୍ଦରୀ ମଧ୍ୟ ମୋ ପାଇଁ ଜଣେ। ତାଙ୍କର ପ୍ରତ୍ୟେକ ବାକ୍ୟର କଠୋରତାରୁ କିଛିଟା ଶିଖିବାର ଅଛି।

ଥରେ ଅଫିସରେ କାର୍ଯ୍ୟରତ ଥିବାବେଳେ ଦେଖିଲି ହଠାତ୍ ପରଦାଟେକି ପଶିଆସିଲେ ଶ୍ୟାମଳି ସୁନ୍ଦରୀ। ସମ୍ବଲପୁରୀ ଗାରପକା ଫିକା ନାଲି ରଙ୍ଗର ଶାଢ଼ୀ ସହିତ ସେହି ରଙ୍ଗର ବ୍ଲାଉଜଟାଏ ପିନ୍ଧିଥିବାରୁ ତାହା ତାଙ୍କୁ ବେଶ୍ ମାନୁଥିଲା। ତାଙ୍କର ହଠାତ୍ ଏପରି ଆବିର୍ଭାବ ଦେଖି ଚମକିପଡ଼ି କହିଲି, "କୁଆଡ଼େ ?" ମୋ କଥାଟା ତାଙ୍କ ମନକୁ ବୋଧେ ପାଇଲା ନାହିଁ। ଉତ୍ତର ମିଳିଲା କ'ଣ ଆଗରୁ ଜଣାଇବାର ଥିଲା ? ମୋ ଆସିବାକୁ ତୁମେ କଣ ବନ୍ଦ କରିପାରିବ ? ମୋ ପାଟିରୁ ଆଉ କିଛି କଥା ବାହାରିଲା ନାହିଁ। କ'ଣ ବା ଉତ୍ତର ଦେବି ? ଲେଖୁଥିବା କଲମଟାକୁ ରଖିଦେଇ ତାଙ୍କ ମୁହଁକୁ ଚାହିଁଲି, ଦେଖିଲି ମୁହଁରେ ତାଙ୍କର ସୁନ୍ଦର ମଳିଫୁଲିଆ ହସର ରେଖା। ଗୋଟାଏ ଟିଫିନ୍ ଡବା ଧରିଥିବା ଭ୍ୟାନିଟି ବ୍ୟାଗରୁ ବାହାର କରି ମୋ ଟେବୁଲ ଉପରେ ଥୋଇ କହିଲେ, "ବୋଉ ପଠାଇଛି।" ଖୋଲି ଦେଖିଲି ସେଥିରେ ଅଛି କେତୋଟି ଆରିଷା ପିଠା। ହାତକୁ ସେଗୁଡ଼ାକ ବେଶ୍ ଗରମ ଲାଗୁଥିଲା। ଆରିଷା ପିଠା ପ୍ରତି ମୋର ବହୁ ଦୁର୍ବଳତା ରହିଆସିଛି। ଆଜିକାଲିର ବିବାହ, ବ୍ରତ ପ୍ରଭୃତି ଭୋଜିରେ ପରସାଯାଉଥିବା ଓଡ଼ିଆ ଘରର ଖାଦ୍ୟମାନଙ୍କରେ ଏପରି ସୁସ୍ୱାଦୁ ପିଠାର ଆଉ ସ୍ଥାନ ନାହିଁ। ଗାଁ ଗହଳରେ ବି ସହରୀ ଭୋଜିର ପ୍ରଭାବ ବେଶ୍ ସୁଦୃଢ଼। ମୋ ପିଲାଦିନର ଗାଁ ଭୋଜିରେ ଏପରି ନଥିଲା। ଭୋଜି କହିଲେ ଖିରି ପିଠା ଖାଇବା। ଖିରିପିଠାର ପରସା ଖାଇବା ସେତେବେଳର ଭୋଜିକୁ ବେଶ୍ ଚମକାଇ ଦେଉଥିଲା। ତାହାକୁ ହିଁ ଗାଁମାନଙ୍କର କୁହାଯାଉଥିଲା ଖିରିପିଠାର ଭୋଜି। ପୁଣି ଗାଁ ଗହଳର ଗୁଡ଼ିଆମାନେ ଭଲ ଆରିଷା ପିଠା କରିଥାନ୍ତି। ପୌଷ ମାସରେ ବିଲରେ ଧାନକଟାବେଳେ ଗାଁ ଗୁଡ଼ିଆ ଘରର ବୋହୁ ଛଣା ଆରିଷା ପିଠାର ପସରା ଧରି ପହଞ୍ଚିଯାଉଥିଲେ। ବିଲରେ ଗୋଟାଳି ବା କଟାଳିମାନେ ଧାନ ବଦଳରେ ସେହି ପିଠାମାନ କିଣି ନିଜେ ଖାଇବା ସହିତ କିଛିଟା ବି ପିଲାଙ୍କ ପାଇଁ ଘରକୁ ନେଇ ଯାଉଥିଲେ। ଛଣା ଆରିଷା ପିଠା ପ୍ରାୟଶଃ ବହୁଦିନ ରହିଥାଏ। ଚାଉଳ ଚୂନା ଓ ଗୁଡ଼ ଜନ୍ତନିରେ ସେପରି ପିଠା ତିଆରି ହୋଇ ବାଦାମ ତେଲରେ ତାହାସବୁ ଛଣା ହେଉଥିଲା। ସମସ୍ତେ ଆରିଷା ପିଠାର ତିଆରି ଭାଗ ଜାଣିନଥାନ୍ତି। ଦିଅଁ ଗଢୁ ଗଢୁ ମାଙ୍କଡ଼ ହେଲାଭଳି ଜାଣିନଥିବା ଲୋକ ସେପରି ପିଠା ପ୍ରସ୍ତୁତ କରିପାରନ୍ତି ନାହିଁ। ପିଲାଦିନେ ଧାନକଟା ଜଗିବା ପାଇଁ ବିଲ ମୁଣ୍ଡରେ ବସିଥିବା ବେଳେ ମୁଁ ଗୁଡ଼ିଆ ଘରର ବୋହୁକୁ ପ୍ରଥମେ ଖୋଜିବୁଲେ। ଧାନ ୨ମାଣ ବା ଗୋଟାଏ କଣା ପଇସା ଦେଲେ ଭଲ ଆରିଷା ପିଠା ମିଳୁଥିଲା। ଦୁଇଟା ସେଥିରୁ ଖାଇଦେଲେ ପେଟ ପୂରିଯିବା ଭଳି ଲାଗେ। ସେପରି ତିଆରି ଆରିଷା ପିଠା ଆଉ ଏବେ ମିଳୁନାହିଁ। ଅବଶ୍ୟ ବ୍ୟବସାୟିକ ଦୃଷ୍ଟିରୁ ଭୁବନେଶ୍ୱରରେ ବହୁ ଦୋକାନରେ ତାହା ମିଳୁଛି। ମାତ୍ର ସେପରି ସ୍ୱାଦ ଆଉ ନାହିଁ। ଗାଁ ମାନଙ୍କରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ପିଠାମାନ ଘରର ପୁରୁଣା ମା ମାନେ ଆଗେ କରୁଥିଲେ। ସେପରି ପିଠାମାନ ତିଆରିର କଳା ସେମାନଙ୍କୁ ବେଶ୍ ଜଣାଥିଲା। ବର୍ତ୍ତମାନର ଆଧୁନିକ ଶିକ୍ଷିତ ଝିଅମାନେ ସେପରି କଳାକୁ ଆୟତ୍ତ କରିବାକୁ ଉଦ୍ୟମ କରୁନାହାନ୍ତି ବା ସେମାନଙ୍କର ସେଥିପ୍ରତି ଆଗ୍ରହ ନାହିଁ। ଯାହା ମନେ ପଡୁଛି ସେହିସବୁ ପିଠାମାନଙ୍କ ନାମ ଭିତରେ ଥିଲା ଛୁଞ୍ଚିପତର, ଚିତୋଉ, ଚକୁଳି, ପୋଡ଼ପିଠା, ଗଇଁଠା, ଛଣା ମଣ୍ଡା, ସିଝା ମଣ୍ଡା, କାକରା, ଆରିଷା, ଅମାଲୁ ରସାବଳୀ ଇତ୍ୟାଦି ବହୁ ପ୍ରକାର।

ସୁନ୍ଦରୀଙ୍କ ବୋଉ ହାତ ତିଆରି ଆରିଷା ପିଠାର ସ୍ୱାଦ ମୁଁ ଆଗରୁ ଜାଣିଛି। ତେଣୁ ବିନା ଦ୍ୱିଧାରେ ଟିଫିନ୍ ଡବା ଖୋଲି ସେଥିରୁ କେତୋଟି ଗର୍ଭସ୍ଥ କରିସାରିବା ପରେ ଅନ୍ୟସବୁ ମୋ ସହକର୍ମୀମାନଙ୍କ ଭିତରେ ବାଣ୍ଟିଦେଲି। ପିଠା ସ୍ୱାଦର କରାମତି ଦେଖି ସମସ୍ତଙ୍କ ମୁହଁରୁ ବି ତିଆରି କରିଥିବା ମାତାଙ୍କର ଢେର ପ୍ରଶଂସା ଆରମ୍ଭ ହୋଇଗଲା। ପିଠା ସରିବା ପରେ ଟିଫିନ୍ ଡବାଟିକୁ ନିଜ ଭ୍ୟାନିଟି ବ୍ୟାଗରେ ପୂରାଇ ମୋତେ ନମସ୍କାରଟିଏ କରି ସୁନ୍ଦରୀ ପଦାକୁ ବାହାରି ଯିବାର ଠିକ୍ ପାଞ୍ଚ ମିନିଟ୍ ପରେ ଭୁବନେଶ୍ୱର ଦୂରଦର୍ଶନ ପରଦାରେ ତାଙ୍କର ପୁନଃ ଦେଖିବାକୁ ମିଳିଲା। ସେଥିରୁ ତାଙ୍କ କଣ୍ଠ ନିସୃତ କବିସୂର୍ଯ୍ୟଙ୍କ ଚମ୍ପୂରୁ କେତୋଟି ପଦ ଶୁଣିବାକୁ ମିଳିଥିଲା। ସମ୍ଭବତଃ ସଂଗୀତଟା ଥିଲା 'ଭ'ରୁ ଆରମ୍ଭ। ସେହିଭଳି ସ୍ୱରରେ ଆଉ ଥରେ ତାଙ୍କ କଣ୍ଠରୁ ଶୁଣିବାକୁ ଚାହିଁଥିଲି। ମାତ୍ର ବୋଲିବାରେ କିଛିଟା ତ୍ରୁଟି ରହିବାରୁ ତାହା ଆଉ ତାଙ୍କ ପକ୍ଷରେ ସମ୍ଭବ ହୋଇପାରିଲା ନାହିଁ। ମୁଁ ପଚାରିବାରୁ ଉତ୍ତର ମିଳିଲା, ଚୁପ୍, ଚୁପ୍। ତୁମେ ସଂଗୀତର ସ ଅକ୍ଷର ଜାଣିନାହିଁ। ଉତ୍ତର ବା କ'ଣ ଦେବି। ଗୀତ ଆରମ୍ଭବେଳେ ତାଙ୍କ ମୁହଁରୁ ଆଗ ଆ-ଆ ତା ପରେ ଗା, ଗା ସ୍ୱରର ଲମ୍ବା ଲହରୀ ଭାସିଆସିଲା ଯାହାକି ମୋ ପାଇଁ ଥିଲା ଅତି ଶ୍ରୁତିକଟୁ। ତାଙ୍କ କହିବା ହେଲା ସଂଗୀତଟା ଆରମ୍ଭ ହେବାବେଳେ ସେପରି ବୋଲାଯାଇଥାଏ। ମୁଁ ଚୁପ୍ ହୋଇ ରହିବା ବ୍ୟତୀତ ଆଉ ଅଧିକ କିଛି କହିପାରିଲି ନାହିଁ। କହିଲେ ପୁଣି କିଛି ଅଘଟଣ ଘଟିଯାଇପାରେ। ଏବେ ସେ ଆଉ ଆମ ଦଳରେ ସାମିଲ ନାହାନ୍ତି। ପଛରେ ଶୁଣିଲୁ ସେ କୁଆଡ଼େ ଏବେ ଫେରାର୍ ହୋଇଯାଇଛି। ତାଙ୍କୁ ଖୋଜିବାକୁ ଆଉ ଆଗ୍ରହ ନାହିଁ। ତେବେ ପଛରେ ଗୋଡ଼େଇ ଗଣ୍ଠିଲି ଧରା କାମରୁ ମୋତେ ମୁକ୍ତି ମିଳିଛି ଏଥିପାଇଁ ମୁଁ ବହୁ ଖୁସି।

## କନକ ଚଢେଇ–ମଧ୍ୟ ପ୍ରଦେଶର ରାଜ୍ୟପକ୍ଷୀ



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

କନକ ଚଢେଇକୁ ମଧ୍ୟ ପ୍ରଦେଶର ରାଜ୍ୟପକ୍ଷୀର ମାନ୍ୟତା ଦିଆଯାଇଛି । ଇଂରାଜୀରେ ପକ୍ଷୀର ନାମ ଇଣ୍ଡିଆନ୍ ପାରାଡାଇଜ ଫ୍ଲାଇ କ୍ୟାଚର, ଯାହାର ଆକ୍ଷରିକ ଓଡିଆ ହେଉଛି, 'ନନ୍ଦନକାନନ ମକ୍ଷିଭକ୍ଷୀ' । ବୈଜ୍ଞାନିକ ନାମ-ଟେରପ୍ସି ଫୋନ ପାରାଡିସି, ବଂଶ-ମୋନାରକି ଡେ । ଓଡିଆରେ ଏହି ପକ୍ଷୀକୁ ଫିତା ବୁଲବୁଲ ବା ଧୋବଚମ୍ପା ମଧ୍ୟ କୁହାଯାଏ । ବଙ୍ଗଳାରେ 'ସା ବୁଲବୁଲ', ହିନ୍ଦୀନାମ-ସାହ ବୁଲବୁଲ, ଧୁଦ୍ଧବରାଜ । ବ୍ୟାପ୍ତି ଓ ବିସ୍ତୃତି- କନକ ଚଢେଇ ବା ଇଣ୍ଡିଆନ୍ ପାରାଡାଇଜ ଫ୍ଲାଇ କ୍ୟାଚର ଏସିଆ ମହା ଦେଶରେ ବିସ୍ତୃତଭାବେ ଦେଖିବାକୁ ମିଳନ୍ତି । ବିଶେଷକରି ଭାରତୀୟ ଉପମହାଦେଶର ଅନେକ ଅଞ୍ଚଳରେ ଏମାନେ ନୀଡ ରଚନା କରିଥିବାର ଦେଖିବାକୁ ମିଳେ । ପକ୍ଷୀ ବିଶାରଦ ଲିନସ ପ୍ରଥମେ ଭାବୁଥିଲେ,ଏହି ପକ୍ଷୀ କେବଳ ଭାରତ ବର୍ଷର ସ୍ଥାନୀୟ ବାସିନ୍ଦା । କିନ୍ତୁ ପରେ ପରେ ସେ ଏହି ପକ୍ଷୀର ତିନୋଟି ଉପପ୍ରଜାତି ବିଷୟରେ ବର୍ଣ୍ଣନା କରିଛନ୍ତି । ପୁରୁଷ କନକ ଚଢେଇର ପରର ରଙ୍ଗ ଓ ବିଭିନ୍ନତାକୁ ନେଇ ସେ ଉପପ୍ରଜାତି ବର୍ଣ୍ଣନା କରିଥିଲେ । ପ୍ରମୁଖ ଉପପ୍ରଜାତି ହେଉଛି ଟି.ପି.ପାରାଡିସି, ଯାହାକି ଦକ୍ଷିଣ ଓ ମଧ୍ୟ ଭାରତରେ, ମଧ୍ୟ ବାଂଲାଦେଶ ଓ ଦକ୍ଷିଣ ପଶ୍ଚିମ ମିଆଁମାରରେ ବଂଶ ବିସ୍ତାର ପାଇଁ ନୀଡ ରଚନା କରିଥାନ୍ତି । ଅନ୍ୟ ଏକ ଉପପ୍ରଜାତି ହେଉଛି, ହିମାଳୟାନ ପାରାଡାଇଜ ଫ୍ଲାଇକ୍ୟାଚର୍। ସେମାନେ ସାଧାରଣତଃ ଭାରତୀୟ ଉପଦ୍ୱୀପର ଅନେକ ଅଞ୍ଚଳରେ ଦେଖିବାକୁ ମିଳନ୍ତି । ମାତ୍ର କାଶ୍ମୀର ଉପତ୍ୟକାର ଏହା ଏକ ସାଧାରଣ ପକ୍ଷୀ କାଶ୍ମୀର ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏହି କନକ ଚଢେଇ ଅନ୍ୟ ଏକ ଆକର୍ଷଣ ।

ଆକୃତି-ରିବନ୍ ପରି ଲମ୍ବା ଲାଞ୍ଜକୁ ବାଦଦେଲେ, କନକ ଚଢେଇ ଆକୃତି ଠିକ୍ ଗୋବରା ଚଢେଇ ସଦୃଶ । ପ୍ରାପ୍ତ ବୟସ୍କ ଅଣ୍ଡିରା ଚଢେଇ ଲମ୍ବାରେ ୧୯ରୁ୨୨ସେଣ୍ଟିମିଟର । ମୁଣ୍ଡର ରଙ୍ଗ ଚକଚକିଆ ନୀଳାଭ କଳା । ମସ୍ତକରେ ମୁକୁଟ ପରି ଥିବା ଚୂଳଟି ମଧ୍ୟ ଠିକ୍ ସେହି ରଙ୍ଗର ଚିକ୍କଣ କଳା । ପେଟ ପାଖର ରଙ୍ଗ ରୂପା ପରି ଧଳା । ଚଢେଇର ପର କଳା ଓ ଲାଲ ମିଶ୍ରିତ ବାଦାମୀ ରଙ୍ଗ । ଲମ୍ବା ଲାଞ୍ଜହିଁ ପକ୍ଷୀଟିର ବିଶେଷତ୍ୱ । ଏହାର ଲମ୍ବ ପ୍ରାୟ ୨୫ରୁ୩୦ସେଣ୍ଟିମିଟର । ଲାଞ୍ଜରେ ଦୁଇଟି ରିବନ ଫିତା ପରି ପର ପ୍ରସାରିତ ହୋଇ ରହିଥାଏ । ମାଇ କନକ ଚଢେଇର ଲାଞ୍ଜ ଅପେକ୍ଷାକୃତ ଛୋଟ । ମାଈ କନକ ଚଢେଇ ଏବଂ ଅପ୍ରାପ୍ତ ବୟସ୍କ ପୁରୁଷ ଚଢେଇ ପ୍ରାୟତଃ ଏକାପରି ଦେଖାଯାନ୍ତି । ଉଭୟଙ୍କର ପିଠିର ରଙ୍ଗ ଲାଲ ବାଦାମୀ,ମୁଣ୍ଡ କଳା ମୁଣ୍ଡରେ ଥିବା ଚୂଳର ରଙ୍ଗ ମଧ୍ୟ କଳା । ଅପ୍ରାପ୍ତ ବୟସ୍କ ଅଣ୍ଡିରା ପକ୍ଷୀର ଲାଞ୍ଜ ଛୋଟ ଥିଲେ ମଧ୍ୟ, ଲାଞ୍ଜରେ ଥିବା ପରର ରଙ୍ଗ ଲାଲ ବଦାମ । ସେମାନଙ୍କର ବେକ ବା କଣ୍ଠର ରଙ୍ଗ କଳା ଏବଂ ନୀଳ ରଙ୍ଗର ଗୋଲ ଗୋଲ ଆଖି । ପ୍ରାୟ ଦୁଇ ତିନି ବର୍ଷରେ ସେମାନଙ୍କର ଲାଞ୍ଜ ୨୫ସେଣ୍ଟିମିଟର ପର୍ଯ୍ୟନ୍ତ ବଢିଯାଏ । ମାଈ ପକ୍ଷୀର ଲାଞ୍ଜରେ ଲାଲ ବାଦାମୀ ରଙ୍ଗ ଦେଖିବାକୁ ମିଳେନାହିଁ । ଉଭୟ ମାଈ ଓ ଅଣ୍ଡିରା କନକ ଚଢେଇଙ୍କର ବିସ୍ତାରିତ ପକ୍ଷ ୮ରୁ୯ ସେଣ୍ଟିମିଟର ହୋଇଥାଏ । ଏହି ସୁନ୍ଦର ପକ୍ଷୀଟିକୁ ଇଂରାଜୀରେ ରକେଟ୍ ପକ୍ଷୀ ବା ରିଜନ ପକ୍ଷୀ ମଧ୍ୟ କୁହନ୍ତି । ବାସସ୍ଥଳୀ ଓ ଖାଦ୍ୟ-କନକ ଚଢେଇଙ୍କର ପ୍ରାକୃତିକ ବାସସ୍ଥଳୀ, ବୃକ୍ଷ ଲତା ବହୁଳ ଘଞ୍ଚ ଜଙ୍ଗଲରୁ ଆରମ୍ଭ କରି, ପ୍ରତିବର୍ଷ ପତ୍ରଝଡା ଦେଉଥିବା ପତଳା ଜଙ୍ଗଲ, ହେନ୍ତାଳବନ, ବିଷୁବମଣ୍ଡଳୀୟ ତୃଣଭୂମି, ଛାୟା ବହୁଳ କୁଞ୍ଜ, ଉଦ୍ୟାନ ଏବଂ ବାଉଁଶ ବଣ ମାନଙ୍କରେ ମଧ୍ୟ ଦେଖିବାକୁ ମିଳିଥାଏ । ସାଧାରଣତଃ ସେମାନେ ଯୋଡି ଯୋଡି ହୋଇ ବାସ କରନ୍ତି । ନଚେତ୍ ଅନ୍ୟ ପତଙ୍ଗଭୋଜୀ ପକ୍ଷୀମାନଙ୍କ ସହିତ କୀଟ ଶିକାର ଦଳରେ ଯୋଗଦେଇ ବିଚରଣ କରନ୍ତି । ଏମାନଙ୍କ ମୁଖ୍ୟ ଖାଦ୍ୟ-ମାଛି, ଡାଆଁଶ ଓ ମଥ୍ ଆଦି କୀଟ । ସେଥିପାଇଁ ଏହି ଚଢେଇକୁ ନନ୍ଦନକାନନ 'ମକ୍ଷୀଭକ୍ଷୀ' ବୋଲି ନାମିତ କରାଯାଇଛି । ଏମାନେ ସାଧାରଣତଃ ଗହଳିଆ ଗଛର ଶାଖା ପ୍ରଶାଖା ତଳେ ଉଡି ଉଡି ପତଙ୍ଗ ଶିକାର କରନ୍ତି । ଅଣ୍ଡିରା ଚଢେଇ ଉଡି ବୁଲୁଥିବା କୀଟ ପତଙ୍ଗ ମାନଙ୍କୁ ଧରିବା ପାଇଁ ନମନୀୟ ଭାବେ ଘୁରି ବାଙ୍କି ଲୁପ୍ ତିଆରି କରି ଗତି କଲାବେଳେ, ତାର ଲାଞ୍ଜରେ ଥିବା ରିବନ୍ ପରି ପକ୍ଷ, ଚାବୁକର ରଜ୍ଜୁ ପରି ଦୋଳାୟିତ ହୋଇଥାଏ । ଏହି ଦୃଶ୍ୟ ବେଶ୍ ମନଲୋଭା ଏବଂ ଉପଭୋଗ୍ୟ ।ଆଚାର ବ୍ୟବହାର-ଭାରତୀୟ କନକ ଚଢେଇ ଏବଂ ଏହାର ଉପପ୍ରଜାତି ଉଡି ବୁଲୁଥିଲାବେଳେ ବେଶ୍ ଶବ୍ଦ ଓ କୋଳାହଳ କରିଥାନ୍ତି । ଏଭଳି ସୁନ୍ଦର ପକ୍ଷୀ ଗୀତ ଗାଇପାରୁଥିବ ବୋଲି ଆଶା କରାଯାଏ ମାତ୍ର ଏହା ଗୀତ ଗାଇପାରେ ନାହିଁ । ଏହାର ଏକମାତ୍ର ଡାକ ହେଲା, ଏକ ପ୍ରକାର ସ୍ଫୁର୍ତ୍ତି ଯୁକ୍ତ, ମାତ୍ର କର୍କଶ ଓ ବିରକ୍ତିକର 'ଚି' ବା 'ଚି-ଚ୍ୟୁଇ', ପ୍ରଜନନ ଋତୁରେ ଏହି ରାବ ସାଙ୍ଗକୁ ଉଭୟ ଅଣ୍ଡିରା ଓ ମାଈ ପକ୍ଷୀ ଏକୁ ଆରେକ ଆକୃଷ୍ଟ କଲାଭଳି ନାନାପ୍ରକାର ପ୍ରୀତିକର ସୁଶ୍ରାବ୍ୟ କୂଜନ କରିଥାନ୍ତି । ଏହି ପକ୍ଷୀମାନଙ୍କର ଗୋଡ ଦୁଇଟି ଛୋଟ ଛୋଟ ଏବଂ ସେମାନେ ଗଛର ଶାଖା ପ୍ରଶାଖା ବା ଜଳରେ ବିଶ୍ରାମ ନେଲାବେଳେ ସିଧାସଳଖ ବସନ୍ତି । ଅପରାହ୍ନରେ ବସିଥିବା ବିଶ୍ରାମସ୍ଥଳୀ ସିଧାସଳଖ ନିକଟରେ ଥିବା ଛୋଟ ଜଳାଶୟ ବା ପାଣି ଖାଲକୁ ଗାଧୋଇବା ପାଇଁ କୁଦା ମାରନ୍ତି । ଭାରତୀୟ କନକ ଚଢେଇଙ୍କ ମଧ୍ୟରୁ ଅଧିକାଂଶ ଯାଯାବର ପକ୍ଷୀ । ଶୀତ ଋତୁରେ ସେମାନେ କ୍ରାନ୍ତୀୟ ଅଞ୍ଚଳକୁ ବା ଗ୍ରୀଷ୍ମମଣ୍ଡଳୀୟ ଅଂଚଳକୁ ଉଡିଯାଆନ୍ତି । ଅନ୍ୟ ସମୟରେ ଏମାନେ ପ୍ରାୟତଃ ଉତ୍ତରାଞ୍ଚଳ ବା ନାତିଶୀତୋଷ୍ଣ ଜଳବାୟୁ ଅଞ୍ଚଳରେ ବସବାସ କରନ୍ତି । କିନ୍ତୁ ଦକ୍ଷିଣ ଭାରତରେ ଦେଖାଯାଉଥିବା କନକ ଚଢେଇ ପ୍ରାୟତଃ ସେଠିକାର ସ୍ଥାୟୀ ବାସିନ୍ଦା । ପ୍ରଜନନ ଋତୁ-ସାଧାରଣତଃ 'ମେ ରୁ ଜୁଲାଇ' ମାସ କନକ ଚଢେଇଙ୍କର ପ୍ରଜନନ ଋତୁ । ସାମାଜିକ ଦୃଷ୍ଟିକୋଣରୁ , ଉଭୟ ପୁରୁଷ ଓ ସ୍ତ୍ରୀ ପକ୍ଷୀ ଏକ ପତ୍ନୀ ବା ଏକ ପତିବ୍ରତ ଧର୍ମ ପାଳନ କରୁଥିବାରୁ, ଉଭୟ ମିଶି ପରସ୍ପରର ସହଯୋଗରେ ନୀଡ ରଚନା କରିବା, ଅଣ୍ଡା ଉଷୁମେଇବା ପକ୍ଷୀମାନଙ୍କର ଲାଳନ ପାଳନ ଓ ସେମାନଙ୍କ ପାଇଁ ଆହାର ସଂଗ୍ରହ କରିବା ଆଦି କାର୍ଯ୍ୟ କରିଥାନ୍ତି । କନକ ଚଢେଇର ନୀଡ ଦେଖିବାକୁ କପ ଆକୃତିର ଘାସ, ରୁଆ ଓ ଛୋଟ ଛୋଟ ଗୁଳ୍ମରେ ସନ୍ନିବିଷ୍ଟ ଭାବରେ ଖୁନ୍ଦା ଖୁନ୍ଦି ହୋଇ ବୁଣା ହୋଇଥାଏ । ନୀଡର ବାହାର ପାଖ ବୁଢିଆଣୀ ଜାଲ ଓ ଅଣ୍ଡା ଖୋଳପା ଦ୍ୱାରା ଲିପା ଯାଇଥାଏ । ଯେଉଁଠି ଗଛର ଡାଳ ଦ୍ୱିଶାଖା ବିଶିଷ୍ଟ ହୋଇ ଆଙ୍କୁଡି ପରି ଥାଏ ସେଠାରେ ପ୍ରାୟତଃ କନକ ଚଢେଇ ନୀଡ ରଚନା କରେ । ଅନେକ ସମୟରେ ବାହ୍ୟ ଶତ୍ରୁର ଆକ୍ରମଣରୁ ରକ୍ଷା ପାଇବା ପାଇଁ ନୀଡ ଗୁଡିକ କଜଳପାତି ନୀଡର ପାଖାପାଖି କରାଯାଇଥାଏ । କାରଣ କଜଳପାତି ଆକ୍ରମଣାତ୍ମକ ଭଙ୍ଗୀରେ ବାହ୍ୟ ଶିକାରୀ ପକ୍ଷୀକୁ ଘଉଡାଇ ଦେଇଥାଏ । ସ୍ତ୍ରୀ ପକ୍ଷୀ ଥରକେ ଚାରୋଟିରୁ ପାଞ୍ଚଗୋଟି ଅଣ୍ଡା ଦିଏ । ଅଣ୍ଡାର ବର୍ଣ୍ଣ ଫିକା ହଳଦିଆ ଓ ଧଳା,ତା ଉପରେ ଲାଲ ଆସିଆ ବାଦାମୀ ରଙ୍ଗର ଛିଟା ବା ଛାପଚାପିଆ ଦାଗ ପଡିଥାଏ । ୧୪ରୁ୧୬ଦିନ ଅଣ୍ଡା ଉଷୁମେଇବା ପରେ, ପକ୍ଷୀମାନେ ଅଣ୍ଡା ଫୁଟାଇ ବାହାରକୁ ଆସନ୍ତି । ପ୍ରାୟ ଗୋଟାଏ ସପ୍ତାହ ନୀଡ ଭିତରେ ରହିବା ପରେ ସେମାନେ ଖଣ୍ଡି ଉଡା ଦେଇ ନୀଡ ବାହାରକୁ ଆସନ୍ତି । ସଂରକ୍ଷଣ ସ୍ଥିତି-ପୃଥିବୀର ବିଭିନ୍ନ ପ୍ରାନ୍ତରେ କନକ ଚଢେଇଙ୍କର ସଂଖ୍ୟା ପ୍ରାୟତଃ ସ୍ଥିର ରହୁଥିବାରୁ ଏବଂ ସେମାନଙ୍କର ବିଚରଣ ଇଲାକା ବେଶ୍ ବିସ୍ତୃତ ଓ ବ୍ୟାପ୍ତ ହୋଇଥିବାରୁ ଆଇ.ୟୁ.ସି.ଏନ (ଇଣ୍ଟରନ୍ୟାସନାଲ ୟୁନିଅନ ଫର କଞ୍ଜରଭେସନ ଅଫ ନେଚର)କର୍ତ୍ତୃକ ପ୍ରକାଶିତ । ରେଡଡାଟା ବହିରେ କନକ ଚଢେଇର ସ୍ଥିତି ନ୍ୟୁନତମ ଉଦବେଗଜନକ ଅର୍ଥାତ୍ ଆଦୌ ଉଦବେଗଜନକ ନଥିବା ଦର୍ଶାଯାଇଛି ।

## ମାଟିର ମହାକବି ସାରଳା ଦାସ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ଓଡିଆ ଭାଷା ସାହିତ୍ୟର ଜନକ, ଉତ୍କଳବ୍ୟାସ ଭାବେ ପରିଚିତ ମାଟିର ମହାକବି ସାରଳା ଦାସଙ୍କ ସାଧନାସିକ୍ତ ସାରସ୍ୱତ ଅବଦାନ ଯଥାର୍ଥରେ ଅତୁଳନୀୟ । ନମ୍ରତା, ସରଳତା ଓ ସମର୍ପଣତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଏହି ମହାକବି ସ୍ୱୀୟ ପ୍ରତିଭା ସ୍ଫୁରଣରେ ମା' ସାରଳାଙ୍କ ଅପାର୍ଥିବ କୃପାର ଅଯାଚିତ ଅବଦାନକୁ ପାଥେୟକରି ନିଜର ମହାନୁଭବତାର ଯେଉଁ ଆଲେଖ୍ୟ ରଖିଯାଇଛନ୍ତି ତାର ପଟ୍ଟାନ୍ତର ନାହିଁ । ପଞ୍ଚଦଶ ଶତାବ୍ଦୀର ଏହି ମହାକବି ତତ୍କାଳୀନ ସଂସ୍କୃତ ଭାଷାର ପ୍ରାଧାନ୍ୟ ଓ ବ୍ରାହ୍ମଣ ସମାଜର ପ୍ରାଦୁର୍ଭାବକୁ ପ୍ରତିହତ କରି ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାକୁ ଆଗେଇ ଆସି ଯେଉଁ ଓଡିଆ ଭାଷାରେ ସଂସ୍କୃତ ସମକକ୍ଷ କାବ୍ୟ ରଚନା କରି ନିଜର ଅନନ୍ୟ ପ୍ରତିଭାର ନିଦର୍ଶନ କରିଥିଲେ ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏ ନାହିଁ । କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି । ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫-୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ । ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୂହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ । କାରଣ ତାଙ୍କ ସ୍ୱୀକାରୋକ୍ତି ଅନୁସାରେ –

"ଝଙ୍କଡ ଗ୍ରାମରେ ମୋର ଅଟଇ ବସତି
ମୂର୍ଖଙ୍କ ଗୋଷ୍ଠିରେ ସଦା ଗଲା ଦିନରାତି।"

ପୁଣି ଜନ୍ମସ୍ଥାନ ସମ୍ପର୍କରେ କବି କହିଛନ୍ତି

'ପୁରୁରବା ସହିତ ସେ ଝଙ୍ଖେରପୁର ଯାହା ବୋଲି
ଶ୍ରୀଗିରିଜାର ଆଜ୍ଞାୟେ ମୁହିଁ ତହିଁ ଜନମିଲି ।'

ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ । ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି । ଏପରି ଏକ ବୈପ୍ଳବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାୟନ କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେଚବଶରା ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା – ରାମାୟଣ, ମହାଭାରତ ଓ ଭାଗବତ । ସେ ଲେଖିଛନ୍ତି –

"ପ୍ରଥମେ ଶ୍ରୀରାମାୟଣ ଦ୍ୱିତୀୟେ ଭାରତ
ତୃତୀୟେ ଲିଖନ କଲି ଶିରୀ ଭାଗବତ।"

ଏଠାରେ ରାମାୟଣ ହେଉଛି 'ବିଲଙ୍କା ରାମାୟଣ', ଭାରତ ହେଉଛି 'ମହାଭାରତ' ଓ ଶିରୀ ଭାଗବତ ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ' । ଏଥି ସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ 'ସପ୍ତକାଣ୍ଡ ରାମାୟଣ' ପ୍ରଭୃତି ମଧ୍ୟ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି ମାତ୍ର ସପ୍ତକାଣ୍ଡ ରାମାୟଣ ବିଷୟରେ ଅଧିକ ଆଲୋଚନା ହୋଇପାରି ନାହିଁ । ସାରଳା ଦାସ ପ୍ରଦାନ କରିଥିବା ତଥ୍ୟ ଅନୁସାରେ 'ବିଲଙ୍କା ରାମାୟଣ' ପ୍ରଥମ । ଶିବପାର୍ବତୀଙ୍କ କଥୋପକଥନ ଛଳରେ ସମଗ୍ର ଗ୍ରନ୍ଥଟିର କଥାବସ୍ତୁ ପରିକଳ୍ପିତ । ଗ୍ରନ୍ଥର ଭାଷା ଅତି ସରଳ ଓ ସର୍ବଜନବୋଧ । 'ସାରଳା ମହାଭାରତ' କବିଙ୍କ ଗ୍ରନ୍ଥମାନଙ୍କ ମଧ୍ୟରେ ବୃହତ୍ତମ । ଏପରିକି ଏହା ଆକାରରେ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ ଠାରୁ ମଧ୍ୟ ବଡ । ବ୍ୟାସଙ୍କ ମହାଭାରତରେ ଶ୍ଳୋକ ସଂଖ୍ୟା ଏକଲକ୍ଷ ହୋଇଥିବା ବେଳେ ସାରଳା ଦାସଙ୍କ ପଦ ସଂଖ୍ୟା ଏକଲକ୍ଷ ଚାଳିଶ ହଜାର । 'ଚଣ୍ଡୀ ପୁରାଣ' ମହାଭାରତର ପରବର୍ତ୍ତୀ ରଚନା । ଶୁକ-ପରୀକ୍ଷିତ ସମ୍ବାଦ ଆକାରରେ ଓ ମହିଷାସୁର ବଧ ପ୍ରସଙ୍ଗକୁ ଉପଜୀବ୍ୟ କରି ଏହା ରଚିତ । ଲକ୍ଷ୍ମୀ ନାରାୟଣ ବଚନିକା ପୋଥି ଆକାରରେ ରହିଛି । ଦାଣ୍ଡିବୃତ୍ତରେ ରଚିତ ଏହି ଗ୍ରନ୍ଥଟି ମହାଲକ୍ଷ୍ମୀଙ୍କ ବନ୍ଦନାରେ ଆରମ୍ଭ ହୋଇଅଛି । ଲକ୍ଷ୍ମୀ-ନାରାୟଣଙ୍କ କଥୋପକଥନ ଶୈଳୀରେ ଏହା ରଚିତ ।

ସାରଳା ଦାସ ମହାଭାରତ ଓଡିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ । ମୂଳ ଗ୍ରନ୍ଥଟିର କଙ୍କାଳକୁ ମାତ୍ର ଗ୍ରହଣ କରି ସାରଳା ଦାସ ସେଥିଲେ ସ୍ୱ-କଳ୍ପନା ଶକ୍ତି ବଳରେ ରକ୍ତମାଂସ ସଂଯୋଗ କରିଛନ୍ତି ସାରଳା ମହାଭାରତର ଏପରି କୌଣସି ଦିଗ ନାହିଁ, ଯେଉଁଥିଲେ ସାରଳା ଦାସଙ୍କ ଜାତୀୟତାର ଛାପ ଦେଖିବାକୁ ମିଳେନାହିଁ । ତାଙ୍କ ବିରଚିତ ମହାଭାରତରେ ଓଡିଶାର ମଠମନ୍ଦିର, ଧର୍ମପୀଠ, ଭୂଗୋଳ, ଜନପଦ, ପର୍ବତ, ନଦ ନଦୀ, ଅରଣ୍ୟ, କିମ୍ବଦନ୍ତୀ, ଲୋକକଥା ଓ ଲୋକ ବିଶ୍ୱାସକୁ ଜୀବନ୍ତ ରୂପରେ ରୂପାୟିତ କରିଛନ୍ତି ତାହା ତାଙ୍କ ଅସାମାନ୍ୟ ବୌଦ୍ଧିକ ଚେତନାର କଥା କହେ । ମହାଭାରତରେ ସାରଳା ଦାସ ୧୮ଟି ପର୍ବ ରଖିଛନ୍ତି ଯେଉଁଥିରେ ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାଇଁଶିକା ପର୍ବ, ନାରୀପର୍ବ, ଶାନ୍ତିପର୍ବ, ଅଶ୍ୱମେଧ ପର୍ବ, ଆଶ୍ରମିକା ପର୍ବ, ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ରହିଛି । ସାରଳ ମହାଭାରତ ପ୍ରବଚନ, ନୀତିକଥା ଓ ଲୋକକଥାର ଖଣି । ଏଗୁଡିକ ମଧ୍ୟରୁ କେତେକ ତଦାନୀନ୍ତନ ସମାଜରେ ପ୍ରଚଳିତ କେତୋଟି ସଂସ୍କୃତାଦି ଗ୍ରନ୍ଥରୁ ସଂଗୃହୀତ ଓ କେତୋଟି ସାରଳା ଦାସଙ୍କ କଳ୍ପନା ପ୍ରସୂତ । ସାରଳା ମହାଭାରତ ଦାଣ୍ଡିବୃତ୍ତରେ ରଚିତ । ଓଡିଆ ସାହିତ୍ୟରେ ସର୍ବପ୍ରଥମେ ସାରଳା ଦାସ ଦାଣ୍ଡବୃତ୍ତି ବ୍ୟବହାର କରିଥିଲେ। ଏହି ବୃତ୍ତର ଲକ୍ଷଣ ହେଉଛି ଏହାର ପାଦଦ୍ୱୟ ଅକ୍ଷର ସଂଖ୍ୟା ସବୁବେଳେ ସମାନ ନଥାଏ । କୌଣସି ପାଦରେ ସର୍ବାଧିକ ୩୨ ଅକ୍ଷର ଥିବା ସ୍ଥଳେ ଅନ୍ୟ କୌଣସି ପାଦରେ ସର୍ବନିମ୍ନ ୯ ଅକ୍ଷର ଥିବା ପରିଲକ୍ଷିତ ହୁଏ । ଏହି ବୃତ୍ତକୁ ସାରଳା ଦାସ ନିଜର ଅନ୍ୟାନ୍ୟ ରଚନାବଳୀରେ ବ୍ୟବହୃତ କରିଥିଲେ ।

ସାରଳା ଦାସ ଉତ୍କଳର ଆଦିକବି ହୋଇଥିବାରୁ ତାଙ୍କ ରଚନାବଳୀ ଦ୍ୱାରା ପରବର୍ତ୍ତୀ କବି ଓ ସାହିତ୍ୟିକମାନେ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ'ରେ ସାରଳା ଦାସଙ୍କ ମହାଭାରତର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳେ । ଓଡିଆ ଭାଗବତକାର ଜଗନ୍ନାଥ ଦାସ ମଧ୍ୟ ତାଙ୍କ କଥାବସ୍ତୁ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ସେହିପରି ଦୀନକୃଷ୍ଣ ଦାସଙ୍କ 'ସୁଭଦ୍ରା ପରିଣୟ', ଭକ୍ତଚରଣ ଦାସଙ୍କ 'ମଥୁରାମଙ୍ଗଳ'ରେ ସାରଳା ଦାସଙ୍କୁ ଅନୁସରଣ କରିଥିଲେ । ଆଧୁନିକ ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ସାରଳା ଦାସଙ୍କ ମହାଭାରତରୁ କଥାବସ୍ତୁ ଆହରଣ କରି 'ବାଣହରଣ', 'ବେଣୀ ସଂହାର' ଆଦି ପୌରାଣିକ କାବ୍ୟମାନ ରଚନା କରିଥିଲେ । ଏହିପରି ବ୍ୟାସକବି ଫକିର ମୋହନ ମଧ୍ୟ ନିଜ ଗଦ୍ୟ ରଚନାରେ ସାରଳାଙ୍କ ଭାଷା ବ୍ୟବହାର କରି ଓଡିଆ ଭାଷାର ପ୍ରକାଶକ୍ଷମ ଶକ୍ତି ପ୍ରଦର୍ଶନ କରିଥିଲେ । କେବଳ ଓଡିଶାରେ ନୁହେଁ, ଓଡିଶା ବାହାରର ସାହିତ୍ୟିକମାନେ ମଧ୍ୟ ସାରଳା ମହାଭାରତର ଭାବ-ସମ୍ପଦରେ ମୁଗ୍ଧହୋଇ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଫଳସ୍ୱରୂପ ବଙ୍ଗଳା ଭାଷାରେ ସାରଳା ମହାଭାରତ ରଚିତ ହୋଇଥିଲା । ସବୁଦିଗରୁ ବିଚାର କଲେ ଦୀର୍ଘ ପାଞ୍ଚଶହରୁ ଉର୍ଦ୍ଧ୍ୱ ବର୍ଷ ଧରି ବହୁ ପୁରାଣ କାବ୍ୟ, ଯାତ୍ରା, ସୁଆଙ୍ଗ ପ୍ରଭୃତି ସାରସ୍ୱତ ସ୍ରଷ୍ଟାମାନେ ସାରଳା ଦାସଙ୍କ ରଚନାବଳୀ ଦ୍ୱାରା ପ୍ରଭାବିତ ହୋଇଆସୁଛନ୍ତି । ତେଣୁ, ତାଙ୍କୁ କେବଳ କବି ନୁହେଁ, ଓଡିଆ ସାହିତ୍ୟରେ ଆଦିକବିର ମାନ୍ୟତା ଦିଆଯାଇଛି । ଏସବୁ ସତ୍ତ୍ୱେ ଝଙ୍କଡବାସିନୀ ଦେବୀ ସାରଳାଙ୍କ କୃପାରୁ ତାଙ୍କର କବିତ୍ୱ ସୃଷ୍ଟି ହୋଇଥିଲା ବୋଲି ସାରଳା ଦାସ ମହାଭାରତରେ ଉଲ୍ଲେଖ କରିଛନ୍ତି । ଏହା କବିଙ୍କର ନମନୀୟ କବି ପ୍ରତିଭାର ନିଦର୍ଶନ ଅଟେ । ସେ କହିଛନ୍ତି –

"ଶ୍ରୀଚଣ୍ଡୀ ଶାରଳା ଦେବୀ ଯାହା କହେ ନିତ୍ୟେ
ମୁହିଁ ତାହା ଲେଖିଯାଏ ଜଗଜନ ହିତେ।"

ଆଜି ଆଦିକବିଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଅନେକ କଥା ମନରେ ଉଙ୍କିମାରୁଛି । ଓଡିଆ ଭାଷାର ମୂଳଦୁଆ ପକାଇଥିବା ଏହି ଯଶସ୍ୱୀ ସ୍ରଷ୍ଟା ଉତ୍କଳୀୟ ନବଜାଗରଣର ମୁଖ୍ୟ ପୁରୋଧା ଥିଲେ । ତାଙ୍କ ଯୋଗୁ ଓଡିଆ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛି । ହେଲେ ଅନ୍ୟାନ୍ୟ ବରପୁତ୍ରମାନଙ୍କ ପରି ତାଙ୍କ ଶ୍ରାଦ୍ଧୋତ୍ସବକୁ ସାର୍ବଜନୀନ କରାଯାଇପାରି ନାହିଁ । ଏହା ହିଁ ବିଳମ୍ବନା । ଏ ଦିଗରେ ରାଜ୍ୟ ସରକାର ଓ ସଂସ୍କୃତି ବିଭାଗ ଆବଶ୍ୟକୀୟ ଜରୁରୀ ମନେ ହୁଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# କଥା କଥାରେ ପିଲାଙ୍କୁ ଫୋନ୍ ଧରାନ୍ତୁନି



ଆଜିକାଲି ମୋବାଇଲ୍ ଯୁଗ ଜୋର ଧରିଛି। ପିତାମାତାମାନେ ପ୍ରାୟତଃ ପିଲାମାନଙ୍କୁ ଚୁପ୍ ରଖିବା ପାଇଁ ସେମାନଙ୍କ ମୋବାଇଲ୍ ଫୋନ୍ ହାତରେ ଦିଅନ୍ତି। ଏହି ଅଭ୍ୟାସ କେତେ ବିପଦପୂର୍ଣ୍ଣ ହୋଇପାରେ ଆସନ୍ତୁ ଆମେ ବର୍ଣ୍ଣନା କରିବା।

ଆଜିକାଲି ଅନେକ ପିତାମାତା କୌଣସି କାରଣ ନଥାଇ ଛୋଟ ପିଲାମାନଙ୍କୁ ମୋବାଇଲ୍ ଫୋନ୍ ଦିଅନ୍ତି, କିନ୍ତୁ ନୂତନ ଗବେଷଣା ଚିନ୍ତା ବଢ଼ାଇ ଦେଉଛି। ଏକ ଅଧ୍ୟୟନ ଅନୁଯାୟୀ, ୧୨ ବର୍ଷରୁ କମ୍ ବୟସର ସ୍ମାର୍ଟଫୋନ୍ ପାଇବା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ କମ୍ ବୟସରେ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ପିଲାମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଡିପ୍ରେସନ୍, ନିଦ୍ରା ଅଭାବ ଏବଂ ସ୍ଥୂଳକାୟତା ହେବାର ସମ୍ଭାବନା ଅଧିକ ଥାଏ। ଏହି ଗବେଷଣା ଆମେରିକାର ୧୦ ହଜାରରୁ ଅଧିକ ପିଲାଙ୍କ ତଥ୍ୟ ଉପରେ ଆଧାରିତ, ଯେଉଁଥିରେ ଦେଖାଯାଇଛି ଯେ ୧୨ ବର୍ଷ ବୟସ ପୂର୍ବରୁ ଫୋନ୍ ଥିବା ପିଲାମାନଙ୍କ ନିଦ ଏବଂ ମାନସିକ ଅବସ୍ଥା ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଭାବିତ ହୋଇଥିଲା। ଗବେଷକଙ୍କ ଅନୁସାରେ, ଯେତେ ଛୋଟ ପିଲାମାନେ ସ୍ମାର୍ଟଫୋନ୍ ଗ୍ରହଣ କରିବେ, ସେମାନଙ୍କର ପରବର୍ତ୍ତୀ ଜୀବନରେ ସ୍ୱାସ୍ଥ୍ୟ ସମସ୍ୟା ସେତେ ଗୁରୁତର ହେବ। ବିଶେଷକରି, ଖରାପ ନିଦ୍ରା ଅଭ୍ୟାସ ଏବଂ ଓଜନ ବୃଦ୍ଧି କମ ବୟସରୁ ଆରମ୍ଭ ହୋଇଥିଲା। ଅଧ୍ୟୟନର ମୁଖ୍ୟ ଲେଖକ, ଶିଶୁ ମନସ୍ତତ୍ତ୍ୱବିତ୍ ରାନ୍ ବାର୍ଜିଲେ କହିଛନ୍ତି ଯେ ଗବେଷଣାରେ ପିଲାମାନେ ପ୍ରକୃତରେ ସେମାନଙ୍କ ଫୋନରେ କ'ଣ କରନ୍ତି ତାହା ମଧ ଦେଖାଯାଇନାହିଁ। କେବଳ ଫୋନ୍ ରଖିବା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିବା ପରି ମନେ ହେଉଛି।

ଏକ ବର୍ଷର ତୁଳନାରୁ ଏହା ମଧ ଜଣାପଡିଛି ଯେ ଯେଉଁ ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍ ନଥିଲା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ସେହି ପିଲାମାନଙ୍କ ତୁଳନାରେ ଭଲ ଥିଲା ଯେଉଁମାନେ ପାଖରେ ସ୍ମାର୍ଟଫୋନ୍ ଥିଲା। ଟାବଲେଟ୍ କିମ୍ବା ଅନ୍ୟ ଡିଭାଇସ୍ ଥିବା ସତ୍ତ୍ୱେ, ଫଳାଫଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ।

# ସକାଳେ ଖାଲି ପେଟରେ ଉଷୁମ ପାଣି ପିଇଲେ କ'ଣ ହେବ ?

**ପାଣି ଆମ** ଶରୀର ପାଇଁ ସବୁଠାରୁ ଜରୁରୀ ଉପାଦାନ ମଧ୍ୟରୁ ଗୋଟିଏ। ଏହା ପ୍ରତ୍ୟେକ ଅଙ୍ଗକୁ ସଠିକ୍ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ। କିନ୍ତୁ ଖାଲି ପେଟରେ ଉଷୁମ ପାଣି ସହିତ ଆପଣଙ୍କ ଦିନ ଆରମ୍ଭ କରିବା ଦ୍ୱାରା ଏହାର ଲାଭ ଆହୁରି ବଢ଼ିଯାଏ। ଏହା ଏତେ ପ୍ରଭାବଶାଳୀ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ ଯେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ। ସକାଳେ ଉଠିବା ପରେ, ଶରୀର ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ବିନା ରହିଥାଏ। ଏପରି ପରିସ୍ଥିତିରେ, ଉଷୁମ ପାଣି ଧୀରେ ଧୀରେ ଶରୀରକୁ ସକ୍ରିୟ କରିଥାଏ। ଏହା କେବଳ ଆଭ୍ୟନ୍ତରୀଣ ପ୍ରଣାଳୀକୁ ଜାଗ୍ରତ କରିଥାଏ ତାହା ନୁହେଁ ବରଂ ସାରା ଦିନ ଶରୀରକୁ ହାଲୁକା ଏବଂ ଶକ୍ତିଶାଳୀ ରଖିବାରେ ମଧ ସାହାଯ୍ୟ କରିଥାଏ। ଯଦି ଆପଣ ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ଏବଂ ଅନେକ ରୋଗରୁ ମୁକ୍ତି ଚାହାଁନ୍ତି, ତେବେ ଆସନ୍ତୁ ଉଷୁମ ପାଣି ପିଇବାର ଲାଭ କ'ଣ ହେବ ? ସକାଳେ ଖାଲି ପେଟରେ ଉଷୁମ ପାଣି ପିଇବା ଦ୍ୱାରା ଶରୀରରୁ ଜମା ହୋଇଥିବା ଅପରିଷ୍କାର ଏବଂ ବିଷାକ୍ତ ପଦାର୍ଥ ବାହାରକୁ ବାହାରିଯାଏ। ଉଷୁମ ପାଣି ରକ୍ତ ସଞ୍ଚାଳନକୁ ଉନ୍ନତ କରେ, ଯାହା ଝାଳ ଏବଂ ପରିସ୍ରା ମାଧ୍ୟମରେ ଶରୀରକୁ ସଫା କରିବା ସହଜ କରିଥାଏ। ସକାଳେ ଉଷୁମ ପାଣି ପିଇବା ଦ୍ୱାରା ପାଚନ ପ୍ରଣାଳୀ ସକ୍ରିୟ ହୋଇଥାଏ। ଏହା ପେଟ ଏବଂ ଅନ୍ତନଳୀକୁ ଧୀର କାମ ପାଇଁ ପ୍ରସ୍ତୁତ କରେ, ଯାହା ସହଜରେ ପାଚନ ପ୍ରକ୍ରିୟାକୁ ଅନୁମତି ଦିଏ। ଏହି ଅଭ୍ୟାସ ଗ୍ୟାସ୍, ଏସିଡିଟି କିମ୍ବା ବଦହଜମୀର ଶିକାର ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଉଷୁମ ପାଣି ପିଇବା ଦ୍ୱାରା ଶରୀରର ମେଟାବୋଲିଜିମ୍ ହାର ବୃଦ୍ଧି ପାଏ। ମେଟାବୋଲିଜିମ୍ ଉନ୍ନତ ହେଲେ, ଶରୀର ଅଧିକ ଦକ୍ଷତାର ସହିତ କ୍ୟାଲୋରି ଜାଳିଥାଏ। ଯଦିଓ ଏହା ଓଜନ ହ୍ରାସ ପାଇଁ ଏକ ସ୍ୱତନ୍ତ୍ର ପଦ୍ଧତି ନୁହେଁ, କିନ୍ତୁ ସୁସ୍ଥ ଖାଦ୍ୟ ଏବଂ ବ୍ୟାୟାମ ସହିତ ମିଶ୍ରିତ ହେଲେ ଏହା ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରିପାରିବ। ଯେଉଁମାନେ କୋଷ୍ଠକାଠିନ୍ୟରେ ପୀଡିତ, ସେମାନଙ୍କ ପାଇଁ ସକାଳେ ଉଷୁମ ପାଣି ପିଇବା ଅତ୍ୟନ୍ତ ଲାଭଦାୟକ ହୋଇପାରେ। ଏହା ଅନ୍ତନଳୀକୁ ସକ୍ରିୟ କରିଥାଏ ଏବଂ ମଳକୁ ନରମ କରିବାରେ ସାହାଯ୍ୟ କରିଥାଏ। ନିୟମିତ ଉଷୁମ ପାଣି ପିଇବା ଦ୍ୱାରା ପେଟ ସଫା ରହିଥାଏ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ।

# ଘରେ ମା'ର ମାନସିକ ସ୍ୱାସ୍ଥ୍ୟକୁ କେତେ ଗୁରୁତ୍ୱ ଦିଆଯିବା ଉଚିତ ?

ଗର୍ଭାବସ୍ଥା ଓ ପ୍ରସବ ମହିଳାମାନଙ୍କ ଶରୀର, ମନ ଓ ଜୀବନରେ ପ୍ରମୁଖ ପରିବର୍ତ୍ତନ ଆଣିଥାଏ। ପ୍ରସବ ପରେ, ହରମୋନ ସ୍ତର (ବିଶେଷକରି ଇଷ୍ଟ୍ରୋଜେନ ଏବଂ ପ୍ରୋଜେଷ୍ଟେରନ) ହଠାତ୍ ହ୍ରାସ ପାଏ, ଯାହା ମନୋଭାବ ଏବଂ ନିଦ୍ରାକୁ ପ୍ରଭାବିତ କରେ। ଶାରୀରିକ କ୍ଲାନ୍ତି, ଯନ୍ତ୍ରଣା, ବିଶ୍ରାମର ଅଭାବ ଓ ନବଜାତ ଶିଶୁର ଯତ୍ନ ନେବାର ଚାହିଦା ଚାପକୁ ବୃଦ୍ଧି କରେ। ଭଲ ମା' ହେବାର ଚାପ ସମେତ ଆର୍ଥିକ ଚାପ, ଦାୟିତ୍ୱ ସହିତ ଖାପ ଖୁଆଇବାର ଚାପ ଏବଂ ପୂର୍ବରୁ ଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଭଳି କାରଣଗୁଡ଼ିକ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

ଏହି ସମୟରେ ମାନସିକ ଚାପର ମୁଖ୍ୟ କାରଣ କ'ଣ ?

ଏହାର କୌଣସି ଗୋଟିଏ କାରଣ ନାହିଁ। ମାନସିକ ଚାପ ସାଧାରଣତଃ ଜୈବିକ ପରିବର୍ତ୍ତନ, ମାନସିକ ଓ ସାମାଜିକ କାରଣର ମିଶ୍ରଣରୁ ସୃଷ୍ଟି ହୁଏ। ଏହି ସମସ୍ୟା ଯୋଗୁଁ ପିଲା ଉପରେ କ'ଣ ପ୍ରଭାବ ପଡ଼େ ? ଜଣେ ମାଆଙ୍କ ମାନସିକ ସ୍ୱାସ୍ଥ୍ୟ ସିଧାସଳଖ ତାଙ୍କ ପିଲାର ସୁସ୍ଥତାକୁ ପ୍ରଭାବିତ କରେ। ଯଦି ଜଣେ ମାଆ ଗୁରୁତର ଭାବରେ ହତାଶ କିମ୍ବା ଚିନ୍ତିତ ଥାଆନ୍ତି, ତେବେ ଶିଶୁ ସହିତ ସମ୍ପର୍କ ଏବଂ ଆବେଗିକ ବନ୍ଧନ ପ୍ରଭାବିତ ହୋଇପାରେ। ଏହା ପିଲାର ଆବେଗିକ ବିକାଶ, ନିଦ୍ରା, ଖାଦ୍ୟପେୟ ଓ ପରବର୍ତ୍ତୀ ଆଚରଣକୁ ପ୍ରଭାବିତ କରିପାରେ। ପ୍ରସବପର ମାନସିକ ରୋଗ କ୍ଷେତ୍ରରେ ମାଆଟିଏ ଶିଶୁକୁ କ୍ଷତି ପହଞ୍ଚାଇ ପାରନ୍ତି। ସେହି ସମୟ ମଧ୍ୟରେ ଯଥାଶୀଘ୍ର ଚିକିତ୍ସା ଖୋଜାଯିବା ଉଚିତ।

ଏଥିରୁ ମୁକୁଳିବା ପାଇଁ କ'ଣ କରିବା ଆବଶ୍ୟକ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗର୍ଭାବସ୍ଥା ପରେ ମାନସିକ ରୋଗ ସାଧାରଣ ଏବଂ ଚିକିତ୍ସାଯୋଗ୍ୟ ବୋଲି ସ୍ୱୀକାର କରିବା। ମହିଳାଙ୍କୁ ଲଜ୍ଜା ବିନା ସେମାନଙ୍କର ଭାବନା ବିଷୟରେ ଖୋଲାଖୋଲି କହିବାକୁ ଉତ୍ସାହିତ କରାଯିବା ଉଚିତ। ପାରିବାରିକ ସମର୍ଥନ, ପର୍ଯ୍ୟାପ୍ତ ବିଶ୍ରାମ, ପୁଷ୍ଟିସାର ଦରକାର। ଡାକ୍ତର କିମ୍ବା ମନସ୍ତତ୍ତ୍ୱବିତ୍‌ଙ୍କ ସାହାଯ୍ୟ ନେବା ଉଚିତ।

ଯଦି ଏହି ପରିସ୍ଥିତିର ଚିକିତ୍ସା ନ କରାଯାଏ ତେବେ କେଉଁ ସମସ୍ୟା ଉପୁଜିବ ? ଯଦି ଚିକିତ୍ସା ନ କରାଯାଏ, ତେବେ ଗର୍ଭାବସ୍ଥା ପରେ ମାନସିକ ରୋଗ ଆହୁରି ଖରାପ ହୋଇପାରେ ଏବଂ ଦୀର୍ଘସ୍ଥାୟୀ ହୋଇପାରେ। ଏହା ମାଆର ଶାରୀରିକ ସ୍ୱାସ୍ଥ୍ୟ, ସମ୍ପର୍କ, କାମ ଏବଂ ଆତ୍ମବିଶ୍ୱାସକୁ ପ୍ରଭାବିତ କରିପାରେ। ଗମ୍ଭୀର କ୍ଷେତ୍ରରେ ଏହା ନିଜକୁ କ୍ଷତି ପହଞ୍ଚାଇବା କିମ୍ବା ଶିଶୁର ଯତ୍ନ ନେବାକୁ ଅସମର୍ଥ ହେବାର ଚିନ୍ତାଧାରା ଆଣିପାରେ।

# ସୂର୍ଯ୍ୟଭେଦ ପ୍ରାଣାୟମ୍ କରନ୍ତୁ, ରକ୍ତଚାପରୁ ଦୂରେଇ ରୁହନ୍ତୁ



ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦେ ?ହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋ ?ଛିକାର।

ଏହି ପ୍ରାଣାୟମ୍ ? କରିବା ପାଇଁ ପ୍ରଥମେ, ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ। ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ। ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ। ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ। ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ।

ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ । ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ

ଅବଧି । ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ। ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ । ୩୦ ମିନିଟ୍ ?ରୁ ବେଶୀ ସମୟ ଏହି ପ୍ରାଣାୟମ୍ ? କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ। ହୃଦ୍ ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

# ଚା'ରେ ଚିନି କମାଇବାର ଲାଭ



ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ, କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ। ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ। ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ। କମ୍ ? ଚିନି ସେବନ ମଧ ବ୍ରଣ ଓ ଚର୍ମ ପ୍ରଦାହରେ ଉନ୍ନତି ସହ ଜଡ଼ିତ। ଏହାଦ୍ୱାରା ଶରୀରର ଆଭ୍ୟନ୍ତରୀଣ ସ୍ତରରେ ହୃତ୍ ?ପିଣ୍ଡ ଓ ଯକୃତ ମଧ ଲାଭବାନ ହେବେ। ଚିନି କମ୍ ? କରିବା ଦ୍ୱାରା ଖରାପ କୋଲେଷ୍ଟ୍ରଲ୍ ସ୍ତର ହ୍ରାସ ହେବା ସହ ଫ୍ୟାଟି ଲିଭର୍ ଆଶଙ୍କା ମଧ କମିଥାଏ। ସର୍ବୋପରି ଥରେ ବିନା ଚିନିରେ ଚା' ପିଇବାରେ ଅଭ୍ୟସ୍ତ ହୋଇଗଲେ, ଆଉ ପଛକୁ ଫେରିବା ଦରକାର ପଡ଼େନି।

# ବଜାରରେ ଉପଲବ୍ଧ ଏହି ୧୬୭ଟି ଔଷଧର ଗୁଣବତ୍ତା ଅତ୍ୟନ୍ତ ଖରାପ



ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ସାମ୍ନାକୁ ଆସିଛି। ଦେଶରେ ଔଷଧର ଗୁଣବତ୍ତା ନିୟନ୍ତ୍ରଣ ପାଇଁ ଦାୟୀ ଏଜେନ୍ସି ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ଉଉଝଉଙ)ର ଡିସେମ୍ବର ୨୦୨୫ ରିପୋର୍ଟରେ ଏହି ଖୁଲାସା ହୋଇଛି। ଏହି ରିପୋର୍ଟ ଅନୁଯାୟୀ, ବଜାରରେ ଥିବା ୧୬୭ଟି ଔଷଧ ନିମ୍ନମାନର ଥିବା ବେଳେ ସାତଟି ନକଲି ବୋଲି ଜଣାପଡିଥିଲା। ଆସନ୍ତୁ ସମ୍ପୂର୍ଣ୍ଣ କାହାଣୀ ଜାଣିବା। ଅନୁଯାୟୀ, ମୋଟ ୧୬୭ଟି ଔଷଧ ନମୁନା "ମାନକ ଗୁଣବତ୍ତା ନୁହେଁ" ବୋଲି ଜଣାପଡ଼ିଥିଲା। ଏଥିମଧ୍ୟରୁ ୭୪ ଟି କେନ୍ଦ୍ରୀୟ ଔଷଧ ପରୀକ୍ଷାଗାର ପରୀକ୍ଷାରେ ବିଫଳ ହୋଇଥିଲା, ଯେତେବେଳେ ୯୩ ଟି ରାଜ୍ୟସ୍ତରୀୟ ପରୀକ୍ଷାଗାର ପରୀକ୍ଷାରେ ବିଫଳ ହୋଇଥିଲା। ଏହାର ଅର୍ଥ ହେଉଛି ଏହି ଔଷଧଗୁଡ଼ିକ ନିର୍ଦ୍ଧାରିତ ଗୁଣବତ୍ତା ଏବଂ ଶୁଦ୍ଧତା ମାନଦଣ୍ଡ ପୂରଣ କରି ନଥିଲା। ରିପୋର୍ଟରେ ଏହା ମଧ କୁହାଯାଇଛି ଯେ ଡିସେମ୍ବରରେ, ବିଭିନ୍ନ ରାଜ୍ୟରୁ ସାତଟି ଔଷଧ ନମୁନା ନକଲି ବୋଲି ଜଣାପଡ଼ିଥିଲା।

ଏହି ନକଲି ଔଷଧଗୁଡ଼ିକ ଉତ୍ତର ଜୋନ୍ (ଗାଜିଆବାଦ), ରଉଇ ଅହମ୍ମଦାବାଦ, ବିହାର ଏବଂ ମହାରାଷ୍ଟ୍ରରୁ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଏଗୁଡ଼ିକ ଅନ୍ୟ କମ୍ପାନିର ନାମ ବ୍ୟବହାର କରି ଅନଧିକୃତ କମ୍ପାନିଗୁଡ଼ିକ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଛି ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସରକାର ସ୍ପଷ୍ଟ କରିଛନ୍ତି ଯେ ଔଷଧ ବିଫଳତା କେବଳ ସେହି ନିର୍ଦ୍ଦିଷ୍ଟ ବ୍ୟାଚ୍ ପର୍ଯ୍ୟନ୍ତ ସୀମିତ ଏବଂ ସମ୍ପୂର୍ଣ୍ଣ ବ୍ରାଣ୍ଡ କିମ୍ବା ବର୍ତ୍ତମାନ ବଜାରରେ ଥିବା ସମସ୍ତ ଔଷଧକୁ ପ୍ରଭାବିତ କରେ ନାହିଁ। ତଥାପି, ରୋଗୀଙ୍କ ସୁରକ୍ଷା ପାଇଁ ଏହି ଔଷଧଗୁଡ଼ିକୁ ବଜାରରୁ ଅପସାରିତ କରାଯାଉଛି। ସାଧାରଣ ଜନତାଙ୍କ ପାଇଁ ନିରାପଦ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଏବଂ ରାଜ୍ୟ ସରକାରମାନେ ମିଳିତ ଭାବରେ ମାସିକ ଔଷଧ ଗୁଣବତ୍ତା ଯାଞ୍ଚ କରୁଛନ୍ତି।

# ସ୍ୱାସ୍ଥ୍ୟ ସମ୍ବାଦ: ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ ମଡେଲ୍



ରୋଗ ଯୋଗୁଁ ରୋଗୀ କି ପ୍ରକାର ବିପଦରେ ପଡ଼ିପାରନ୍ତି ତାହା ଆକଳନ କରିବା ଲାଗି ଦୀର୍ଘବର୍ଷ ଧରି ଡାକ୍ତରମାନେ ଲକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅତୀତ ଅସୁସ୍ଥତା ଓ ଚିକିତ୍ସାର ତଥ୍ୟ ଉପରେ ନିର୍ଭର କରିଆସୁଛନ୍ତି। ଏତେ କଥା ଯଦି ରାତିକ ନିଦ୍ରାରୁ ଜାଣିହୁଏ, କ୍ଷତି କ'ଣ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ମେଡିସିନ୍‌ରେ ଥିବା ଗବେଷକମାନେ ନିଦ୍ରା ସଙ୍କେତ ବାରିବା ଲାଗି ଗୋଟାଏ ନୂତନ ଏଆଇ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ମଡେଲ୍ କେବଳ ଗୋଟିଏ ରାତ୍ରିର ନିଦ୍ରାରୁ ନିଃସୃତ ମାନସିକ ସଙ୍କେତ ରେକର୍ଡ କରି ଶତାଧିକ ଶାରୀରିକ ଅସୁସ୍ଥତା ସମ୍ବନ୍ଧୀୟ ପୂର୍ବାଭାସ ଦେବାକୁ ସମର୍ଥ। 'ସ୍ଲିପ୍ ଏଫ୍‌ଏମ୍' ନାମରେ ପରିଚିତ 'ଦି ଫାଉଣ୍ଡେସନାଲ୍ ଏଆଇ ମଡେଲ୍'କୁ ୬୫ ହଜାର ଲୋକଙ୍କଠାରୁ ସଂଗୃହୀତ ପ୍ରାୟ ୬ ଲକ୍ଷ ଘଣ୍ଟା ଶୟନ ତଥ୍ୟାବଳି ଦ୍ୱାରା ତାଲିମ ଦିଆଯାଇଛି। ଏଥିରେ ରହିଛି ମସ୍ତିଷ୍କ କାର୍ଯ୍ୟକଳାପ, ହୃତ୍‌ପିଣ୍ଡ କାର୍ଯ୍ୟକଳାପ, ଶ୍ୱାସକ୍ରିୟା ସଙ୍କେତ, ଗୋଡ଼ ଚଳାଚଳ, ଚକ୍ଷୁ ଚଳାଚଳ ଓ ଅନ୍ୟାନ୍ୟ ମାନସିକ ତଥ୍ୟାବଳି। ବିଭିନ୍ନ ପ୍ରକାର ସେନ୍‌ସର ଦ୍ୱାରା ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା।

ଏ ଗବେଷଣା ପତ୍ରର ଅନ୍ୟତମ ସହ-ଲେଖକ ଡାକ୍ତର ଜେମ୍‌ସ ଜେ କହିଛନ୍ତି, ''ଏଆଇ ଟୁଲ୍ ଦୃଷ୍ଟିରୁ ବିଚାର କଲେ, ନିଦ୍ରା ଉପରେ ବିଶେଷ ଗବେଷଣା ହୋଇ ନ ଥିଲା। ପାଥୋଲୋଜି ଅଥବା କାର୍ଡିଓଲୋଜି ସଂକ୍ରାନ୍ତ ରୋଗ ନିଦାନ ନିମନ୍ତେ ଅନେକ ଏଆଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଦ୍ରା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ତା' ଉପରେ ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି।'' ଉକ୍ତ ଏଆଇ ମଡେଲ୍‌କୁ ତାଲିମ ଦେବା ଲାଗି ଷ୍ଟାନ୍‌ଫୋର୍ଡ ମେଡିସିନ୍ ଗବେଷକମାନେ ୨ରୁ ନେଇ ୯୬ ବର୍ଷ ବୟସ ପର୍ଯ୍ୟନ୍ତ ୩୫,୦୦୦ ନିଦ୍ରିତ ରୋଗୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୯ରୁ ୨୦୨୪ ମଧ୍ୟରେ ଷ୍ଟାନ୍‌ଫୋର୍ଡର ସ୍ଲିପ୍ କ୍ଲିନିକ୍‌ରେ ସେମାନେ ରୋଗୀମାନଙ୍କର ପଲିସମ୍‌ନୋଗ୍ରାଫି ଡେଟା ରେକର୍ଡ କରାଇଥିଲେ। ତା'ପରେ ଉକ୍ତ ଡେଟାକୁ କ୍ଷୁଦ୍ର କ୍ଷୁଦ୍ର ଭାଗକରି ତାହା ଦ୍ୱାରା ଏଆଇ ମଡେଲ୍‌କୁ ତାଲିମ ଦିଆଯାଇଥିଲା। ଏଥର ସେମାନେ 'ସ୍ଲିପ୍ ଏଫ୍‌ଏମ୍'କୁ ରୋଗ ନିରୂପଣ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କଲେ। ଫଳାଫଳରୁ ଜଣାପଡ଼ିଲା, ଭବିଷ୍ୟତରେ ସମ୍ପୃକ୍ତ ରୋଗୀମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଥିବା ପ୍ରାୟ ୧୩୦ ପ୍ରକାର ରୋଗ ସମ୍ବନ୍ଧରେ ଏହା ଅପେକ୍ଷାକୃତ ସଠିକ୍ ସୂଚନା ପ୍ରଦାନ କରିଛି। ବିଭିନ୍ନ ପ୍ରକାର କର୍କଟରୋଗ, ଗର୍ଭଧାରଣ ଜଟିଳତା, ରକ୍ତ ସଞ୍ଚାଳନ ଅବସ୍ଥା ଓ ମସ୍ତିଷ୍କ ବିକୃତି ଆଦି ରୋଗ ସଂକ୍ରାନ୍ତୀୟ ଭବିଷ୍ୟବାଣୀ କରିବା ଲାଗି ଭାଷା ପରିବର୍ତ୍ତେ ଏବେ 'ସ୍ଲିପ୍ ଏଫ୍‌ଏମ୍' 'କନ୍‌କର୍ଡାନ୍‌ସ ଇଣ୍ଡେକ୍ସ' ବା ସଂକ୍ଷେପରେ 'ସି-ଇଣ୍ଡେକ୍ସ' ଯୋଗେ ସୂଚନା ଦେଉଛି। ଏହା ଗୋଟାଏ ଗାଣିତକ ପଦ୍ଧତି। ଉଦାହରଣ ସ୍ୱରୂପ ହୃଦ୍‌ଘାତ ଆଶଙ୍କା ସଙ୍କେତ ୦.୮୧, ପ୍ରୋଷ୍ଟେଟ୍ କ୍ୟାନ୍‌ସର ସଙ୍କେତ ୦.୮୯, ସ୍ତନ କର୍କଟରୋଗ ୦.୮୭ ଓ ମୃତ୍ୟୁ ୦.୮୪ ଇତ୍ୟାଦି। କିନ୍ତୁ, ଏଥିରୁ ସଠିକ୍ ଅର୍ଥ ବାହାର କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। 'ସ୍ଲିପ୍ ଏଫ୍‌ଏମ୍' କିପରି ଭାଷା, ବିଶେଷକରି ଇଂରେଜୀ ଭାଷାରେ ରୋଗ ସଂକ୍ରାନ୍ତ ପୂର୍ବାଭାସ ସୂଚାଇବ ତା'ଉପରେ ଗବେଷଣା ଚାଲିଛି ବୋଲି ଡାକ୍ତର ଜେ କହିଛନ୍ତି।

# ପ୍ରତିବର୍ଷ ଚକ୍ଷୁ ପରୀକ୍ଷା କାହିଁକି କରିବା ଉଚିତ ଚାଲନ୍ତୁ ଜାଣିବା

ଅଧିକାଂଶ ଲୋକଙ୍କ ପାଇଁ ଚକ୍ଷୁ ପରୀକ୍ଷାର ଅର୍ଥ ହେଉଛି ଏକ ଚାର୍ଟରୁ ଅକ୍ଷର ପଢ଼ି ଚଷମାର ପ୍ୱାର ଜାଣିବା। କିନ୍ତୁ ଆଧୁନିକ ଚକ୍ଷୁ ପରୀକ୍ଷା କେବଳ ଦୃଷ୍ଟିଦୋଷ ସଂଶୋଧନ ପାଇଁ ନୁହେଁ, ବରଂ ଲକ୍ଷଣ ଦେଖାଦେବା ପୂର୍ବରୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ କରିବାର ଏକ ମାଧ୍ୟମ। ସେଥିପାଇଁ ଚକ୍ଷୁ ବିଶେଷଜ୍ଞମାନେ ନିୟମିତ ଚକ୍ଷୁ ପରୀକ୍ଷା ଉପରେ ଗୁରୁତ୍ୱାରୋପ କରନ୍ତି। ଚକ୍ଷୁଡୋଳା ଚାପ ଯାଞ୍ଚ, ରେଟିନା ମୂଲ୍ୟାଙ୍କନ ଭଳି ବ୍ୟାପକ ଚକ୍ଷୁ ପରୀକ୍ଷା ଦ୍ୱାରା ବିଶେଷ କ୍ଷତି ହେବା ପୂର୍ବରୁ ଚକ୍ଷୁରୋଗ ଚିହ୍ନଟ କରିହୁଏ। ଏଥି ସହିତ ନିୟମିତ ଚକ୍ଷୁପରୀକ୍ଷା ଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ ଓ ଉଚ୍ଚ କୋଲେଷ୍ଟ୍ରଲ୍ ବିଷୟରେ ମଧ ଜାଣିହେବ।

ବିଭିନ୍ନ ବିପଜ୍ଜନକ ଦୃଷ୍ଟି ସମସ୍ୟା ସାଧାରଣତଃ ଶେଷ ପର୍ଯ୍ୟାୟରେ ପରିଲକ୍ଷିତ ହେଉଥିବାରୁ ଚିକିତ୍ସା ଜଟିଳ ହୋଇପଡ଼େ। ତେଣୁ ନିୟମିତ ଯାଞ୍ଚ ଦ୍ୱାରା ପ୍ରାରମ୍ଭିକ ଅବସ୍ଥାରେ ରୋଗ ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କ କ୍ଷେତ୍ରରେ ଚକ୍ଷୁପରୀକ୍ଷା ଦ୍ୱାରା ଆମ୍ବ୍ଲିଓପିଆ, ଷ୍ଟ୍ରାବିସମସ୍ କିମ୍ବା ପ୍ରତିସରଣ ତ୍ରୁଟି ଧରିହେବ। ସେହିପରି ବୟସ୍କମାନଙ୍କ କ୍ଷେତ୍ରରେ ମୋତିଆବିନ୍ଦୁ ଚିହ୍ନଟ କରାଯାଇପାରିବ। ଶରୀରର ଅନ୍ୟ ଅଂଶରେ କ'ଣ ଘଟୁଛି ତାହା ମଧ ଆଖିରେ ଆଗୁଆ ପ୍ରତିଫଳିତ ହୋଇଥାଏ। ରକ୍ତବାହୀ ନଳୀ ବା ଅପ୍ଟିକ୍ ସ୍ନାୟୁରେ ପରିବର୍ତ୍ତନ ଲୁପସ୍, ବ୍ରେନ୍ ? ଟ୍ୟୁମର କିମ୍ବା ଅଟୋଇମ୍ୟୁନ୍ ରୋଗକୁ ସୂଚାଇପାରେ। ଶରୀରରେ ଅନ୍ୟତ୍ର ଉଚ୍ଚ ରକ୍ତଚାପ କିମ୍ବା ଉଚ୍ଚ କୋଲେଷ୍ଟ୍ରଲର ଲକ୍ଷଣ ପ୍ରକାଶିତ ହେବା ଆଗରୁ ଚକ୍ଷୁ ଡାକ୍ତରମାନେ ତାହା ଚିହ୍ନଟ କରିପାରନ୍ତି। ମୋଟାମୋଟି ଭାବେ ନିୟମିତ ଚକ୍ଷୁ ପରୀକ୍ଷା ଜୀବନ ରକ୍ଷାକାରୀ ମଧ ହୋଇପାରେ।



# ମା'ର ମାନସିକ ସ୍ୱାସ୍ଥ୍ୟ ପିଲାର ସୁସ୍ଥତାକୁ ପ୍ରଭାବିତ କରେ

ଗର୍ଭଧାରଣ ପରେ ମହିଳାମାନେ କେବେ କେବେ ମାନସିକ ଭାବରେ ଅସୁସ୍ଥ ହେବା ଦେଖାଯାଏ। ଏହାର କାରଣ କ'ଣ ? ଗର୍ଭାବସ୍ଥା ଓ ପ୍ରସବ ମହିଳାମାନଙ୍କ ଶରୀର, ମନ ଓ ଜୀବନରେ ପ୍ରମୁଖ ପରିବର୍ତ୍ତନ ଆଣିଥାଏ। ପ୍ରସବ ପରେ ହରମୋନ୍ ସ୍ତର (ବିଶେଷକରି ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରନ୍) ହଠାତ୍ ହ୍ରାସ ପାଏ। ଏହା ସେମାନଙ୍କ ମାନସିକ ସ୍ଥିତି ଓ ନିଦ୍ରାକୁ ପ୍ରଭାବିତ କରେ। ଶାରୀରିକ କ୍ଲାନ୍ତି, ଯନ୍ତ୍ରଣା, ବିଶ୍ରାମର ଅଭାବ ଓ ନବଜାତ ଶିଶୁର ଯତ୍ନ ନେବାର ଚାହିଦା ଚାପକୁ ବୃଦ୍ଧି କରେ। ଭଲ ମା' ହେବାର ଚାପ ସମେତ ଆର୍ଥିକ ଚାପ, ଦାୟିତ୍ୱ ସହିତ ଖାପ ଖୁଆଇବାର ଚାପ ଏବଂ ପୂର୍ବରୁ ଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଭଳି କାରଣଗୁଡ଼ିକ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

ତେବେ ଏତେଗୁଡ଼ିଏ କାରଣ ମଧ୍ୟରୁ କେଉଁଟିକୁ ଆମେ ମୁଖ୍ୟ କହିବା ? ମାନସିକ ଚାପର କୌଣସି ଗୋଟିଏ କାରଣ ନାହିଁ। ଏହା ସାଧାରଣତଃ ଜୈବିକ ପରିବର୍ତ୍ତନ, ମାନସିକ ଓ ସାମାଜିକ ପ୍ରଭାବରୁ ସୃଷ୍ଟି ହୁଏ। ଏହି ସମସ୍ୟା ଯୋଗୁଁ ପିଲା ଉପରେ କେ ?ଣସି ପ୍ରଭାବ ପଡ଼େ କି ? ଜଣେ ମାଆଙ୍କ ମାନସିକ ସ୍ୱାସ୍ଥ୍ୟ ସିଧାସଳଖ ତାଙ୍କ ପିଲାର ସୁସ୍ଥତାକୁ ପ୍ରଭାବିତ କରେ। ଯଦି ଜଣେ ମାଆ ଗୁରୁତର ଭାବରେ ହତାଶ କିମ୍ବା ଚିନ୍ତିତ ଥାଆନ୍ତି, ତେବେ ଶିଶୁ ସହିତ ସମ୍ପର୍କ ଏବଂ ଆବେଗିକ ବନ୍ଧନ ପ୍ରଭାବିତ ହୋଇପାରେ। ଏହା ପିଲାର ଆବେଗିକ ବିକାଶ, ନିଦ୍ରା, ଖାଦ୍ୟପେୟ ଓ ପରବର୍ତ୍ତୀ ଆଚରଣକୁ ପ୍ରଭାବିତ କରିପାରେ। ପ୍ରସବପର ମାନସିକ ରୋଗ ଯୋଗୁଁ ମାଆଟିଏ ଶିଶୁକୁ କ୍ଷତି ପହଞ୍ଚାଇ ପାରେ। ସେହି ସମୟ ମଧ୍ୟରେ ଯଥାଶୀଘ୍ର ଚିକିତ୍ସା ଲୋଡ଼ାଯିବା ଉଚିତ।

ଏଥିରୁ ମୁକୁଳିବା ପାଇଁ କ'ଣ କରିବା ଆବଶ୍ୟକ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଗର୍ଭାବସ୍ଥା ପରେ ମାନସିକ ରୋଗ ଏକ ସାଧାରଣ କଥା ଏବଂ ଏହା ଚିକିତ୍ସାଯୋଗ୍ୟ ବୋଲି ଗ୍ରହଣ କରିବା। ମହିଳାଙ୍କୁ ଲଜ୍ଜା ବିନା ସେମାନଙ୍କର ଭାବନାକୁ ଖୋଲାଖୋଲି କହିବାକୁ ଉତ୍ସାହିତ କରାଯିବା ଉଚିତ। ଏହି ଅବସ୍ଥାରେ ପାରିବାରିକ ସମର୍ଥନ, ପର୍ଯ୍ୟାପ୍ତ ବିଶ୍ରାମ, ପୁଷ୍ଟିସାର ଦରକାର। ଡାକ୍ତର କିମ୍ବା ମନସ୍ତତ୍ତ୍ୱବିତ୍ ?ଙ୍କ ସାହାଯ୍ୟ ନେବା ଉଚିତ।

ଯଦି ଏହି ପରିସ୍ଥିତିର ଚିକିତ୍ସା ନ କରାଯାଏ ତେବେ କେଉଁ ସମସ୍ୟା ଉପୁଜିବ ? ଯଦି ଚିକିତ୍ସା ନ କରାଯାଏ, ତେବେ ଗର୍ଭାବସ୍ଥା ପରେ ମାନସିକ ଅବସ୍ଥା ଆହୁରି ଖରାପ ହୋଇପାରେ ଏବଂ ଦୀର୍ଘଦିନ ରହିପାରେ। ଏହା ମାଆର ସ୍ୱାସ୍ଥ୍ୟ, ସମ୍ପର୍କ, କାମ ଏବଂ ଆତ୍ମବିଶ୍ୱାସକୁ ପ୍ରଭାବିତ କରିପାରେ। ଗୁରୁତର କ୍ଷେତ୍ରରେ ଏହା ନିଜକୁ କ୍ଷତି ପହଞ୍ଚାଇବା କିମ୍ବା ଶିଶୁର ଯତ୍ନ ନେବାକୁ ଅସମର୍ଥ ହେବାର ଚିନ୍ତାଧାରା ଆଣିପାରେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଜାନୁଆରୀ, ବୁଧବାର, ୨୦୨୬
ପୃଷ୍ଠା – ୬

# ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ : ଜିମ୍ବାୱେକୁ ୨୦୪ ରନ୍‌ରେ ହରାଇଲା ଭାରତ

**ବୁଲାୱାଓ**

ଚଳିତ ୧୯ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍‌ର ସୁପରସିକ୍ସ ମ୍ୟାଚ୍‌ରେ ଭାରତ ୨୦୪ ରନ୍‌ର ବୃହତ୍ ବ୍ୟବଧାନରେ ଜିମ୍ବାୱେକୁ ହରାଇ ତା'ର ଅପରାଜେୟ ଧାରା ଜାରି ରଖିଛି । ମଙ୍ଗଳବାର ଭାରତୀୟ ଦଳ ୩୫୩ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ଦେଇଥିଲା । ଏହି ରନ୍ ପାହାଡ଼ ଚାପରେ ଚାପି ହୋଇ ଜିମ୍ବାୱେର ପଶ୍ଚାତ୍‌ଧାବନ କେବଳ ୩୭.୪ ଓଭରରେ ଶେଷ ହୋଇଯାଇଥିଲା । ଭାରତୀୟ ବୋଲରଙ୍କ ସଠିକ୍ ମୁକାବିଲା କରି ନପାରି ଘରୋଇ ଦଳ୧୪୮ ରନ୍‌ରେ ସମସ୍ତ ୱିକେଟ୍ ହରାଇ ଦେଇଥିଲା । ଶତକୀୟ ପାଳି ଖେଳିଥିବା ବିହାନ ମାଲହୋତ୍ରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପୂର୍ବରୁ ଶୁଖିଲା ଓ ବାଦଲବିହୀନ ସହ ଦ୍ରୁତ ଆଉଟ୍ ଫିଲ୍ଡ ସତ୍ତ୍ୱେ ଜିମ୍ବାୱେ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ।

ପଞ୍ଚମ ଓଭରରେ ଓପନର ଆରୋନ ଜର୍ଜଙ୍କୁ ହରାଇବା ସତ୍ତ୍ୱେ ବିସ୍ମୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ ୨୪ ବଲ୍ ଅର୍ଦ୍ଧଶତକ ବଳରେ ଭାରତ କିନ୍ତୁ ପ୍ରଥମ ୧୦ ଓଭରରେ ଗୋଟିଏ ୱିକେଟ୍ ହରାଇ ୯୯ ରନ୍ ସଂଗ୍ରହ କରି ନେଇଥିଲା । ହେଲେ ଜିମ୍ବାୱେ ବୋଲର ତଡେଣ୍ଡା ଚିମୁଗୋରୋ ଗୋଟିଏ ଓଭରରେ ବୈଭବଙ୍କ ସହ ଅଧିନାୟକ ଆୟୁଷ ମହାତ୍ରେଙ୍କୁ ଆଉଟ୍ କରି ଭାରତକୁ



ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ । ବେଦାନ୍ତ ତ୍ରିବେଦୀ ମଧ୍ୟ ବେଶି ସମୟ କ୍ରିଜ୍‌ରେ ରହି ପାରି ନଥିଲେ ।

ଭାରତ ୧୪୦ ରନ୍‌ରେ ୪ ୱିକେଟ୍ ହରାଇ ସଂଘର୍ଷ କରୁଥିଲା ବେଳେ ବିହାନ ମାଲହୋତ୍ରା ଓ ଅଭିଜ୍ଞାନ କୁଣ୍ଡୁ ପଞ୍ଚମ ୱିକେଟ୍ ଭାଗୀଦାରରେ ୧୧୩ ରନ୍ ଯୋଡ଼ି ପୁଣି ଥରେ ଭାରତକୁ ମ୍ୟାଚ୍‌କୁ ଫେରାଇ ଆଣିଥିଲେ । ବିହାନ ୧୦୪ ବଲ୍‌ରୁ ଶତକ ଅର୍ଜନ କରି ଜିମ୍ବାୱେ ବୋଲରଙ୍କୁ ନୟାନ୍ତ କରିଥିଲେ । ଶେଷ ଓଭରଗୁଡ଼ିକରେ ଖିଲାନ ପଟେଲ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୨ ବଲ୍‌ରୁ ୩୦ ରନ୍ କରିବା ପରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନ୍ କରି ନେଇଥିଲା ।

ସଂକ୍ଷିପ୍ତ ସ୍କୋର : ଭାରତ ୫୦ ଓଭରରେ–୩୫୨/୮ (ବିହାନ ମାଲହୋତ୍ରା ୧୦୯, ଅଭିଜ୍ଞାନ କୁଣ୍ଡୁ ୬୧, ବୈଭବ ସୂର୍ଯ୍ୟବଂଶୀ ୫୨, ଖିଲାନ ପଟେଲ ୩୦, ତଡେଣ୍ଡା ଚିମୁଗୋରୋ ୩/୪୯, ଶିମ୍ବାରସେ ମୁଜେଙ୍ଗେରେ ୨/୫୧) । ଜିମ୍ବାୱେ ୩୭.୪ ଓଭରରେ–୧୪୮ (ଲିରୟ ଚିୟୁଲା ୬୨, କିଆନ ବ୍ଲିଗନଟ୍ ୩୭, ତଡେଣ୍ଡା ଚିମୁଗୋରୋ ୨୯, ଆୟୁଷ ମହାତ୍ରେ ୩/୧୪, ଉଦ୍ଧବ ମୋହନ ୩/୨୦, ଆରଏସ୍ ଅମ୍ବ୍ରିସ ୨/୧୯) ।

## ଟି୨୦ ବିଶ୍ୱକପ୍ ପୂର୍ବରୁ ସନ୍ନ୍ୟାସ ନେଲେ କେନ୍ ରିଚାର୍ଡସନ

**ନୂଆଦିଲ୍ଲୀ**

୨୦୨୬ ଟି୨୦ ବିଶ୍ୱକପ୍‌କୁ ଆଉ କିଛି ଦିନ ବାକି ଥିବା ବେଳେ ସନ୍ନ୍ୟାସ ନେଇ ଚମକାଇ ଦେଇଛନ୍ତି କେନ୍ ରିଚାର୍ଡସନ । ଏହି ବୋଲର ଜଣଙ୍କ ୨୦୨୧ରେ ଟି୨୦ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳର ଅଂଶ ଥିଲେ । ୩୪ ବର୍ଷୀୟ ଅଷ୍ଟ୍ରେଲିୟ ବୋଲର ରିଚାର୍ଡସନ ବୃତ୍ତିଗତ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି । ଫଳରେ ତାଙ୍କର ୧୭ ବର୍ଷ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏହି ସମୟରେ ସେ ଅନ୍ତର୍ଜାତୀୟ କ୍ରିକେଟ ସହ ଘରୋଇ ଟୁର୍ଣ୍ଣାମେଣ୍ଟ ଏବଂ ବିଭିନ୍ନ ଫ୍ରାଞ୍ଚାଇଜ ଲିଗ୍‌ରେ ଅଂଶଗ୍ରହଣ କରିଥିଲେ ।

## ୨୪ ବଲ୍‌ରେ ଅର୍ଦ୍ଧଶତକ କରି ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**



ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ୨୦୨୬ର ୩୦ତମ ମ୍ୟାଚ୍ ଭାରତ ଏବଂ ଜିମ୍ବାୱେ ମଧ୍ୟରେ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରଣ ସଟ୍ ଦେଖିବାକୁ ମିଳିଥିଲା । ୨୪ ବଲରେ ୫୦ ରନ୍ କରି ଇତିହାସ ସୃଷ୍ଟି କରିଛନ୍ତି । ସେ ୨୦୨୬ ମସିହାର ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ଭାରତର ମିଳିତ ପ୍ରଥମ ଖେଳାଳି ହୋଇଛନ୍ତି । ତାଙ୍କ ପୂର୍ବରୁ ଏହି ବଡ଼ ରେକର୍ଡ କେବଳ ବର୍ତ୍ତମାନର ଅଧିନାୟକ ଆୟୁଷ ମହାତ୍ରେଙ୍କ ନାମରେ ଥିଲା, ଯିଏ ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪ ବଲରେ ଅର୍ଦ୍ଧଶତକ ହାସଲ କରିଥିଲେ ।

ବୈଭବ ଜିମ୍ବାୱେ ୧୯ ବର୍ଷରୁ କମ୍ ଦଳ ବିପକ୍ଷରେ ୨୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ମହାତ୍ରେଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି । ଉଭୟ ବ୍ୟାଟସମ୍ୟାନ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦେଶ ପାଇଁ ୨୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ଅଷ୍ଟ୍ରେଲିଆର ୱିଲ୍ ମାଲାଜଚୁକ୍ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲା ଖେଳାଳି ତାଲିକାରେ ରହିଛନ୍ତି । ଅଷ୍ଟ୍ରେଲିଆର ଏହି କ୍ରିକେଟର ଜାପାନ ବିପକ୍ଷରେ ମାତ୍ର ୨୩ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ ।

୨୦୨୬ ମସିହାର ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିବା ଶ୍ରେଷ୍ଠ ୫ ଖେଳାଳି : ୨୩ ବଲ୍ – ୱିଲ ମାଲାଜଚୁକ – ଅଷ୍ଟ୍ରେଲିଆ । ୨୪ ବଲ୍ – ବୈଭବ ସୂର୍ଯ୍ୟବଂଶୀ – ଭାରତ । ୨୪ ବଲ୍ – ଆୟୁଷ ମାତ୍ରେ – ଭାରତ । ୩୦ ବଲ୍ – ବୈଭବ ସୂର୍ଯ୍ୟବଂଶୀ – ଭାରତ । ୩୨ ବଲ – ବେନ ମାୟର୍ସ – ସ୍କଟଲ୍ୟାଣ୍ଡ ।




ଭୁବନେଶ୍ୱର : କଳିଙ୍ଗଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଥିବା ହକି ଇଣ୍ଡିଆ ଲିଗ୍ ଉଦ୍‌ଯାପିତ ହୋଇଯାଇଛି । ଏହି ଲିଗ୍‌ରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବାଜି ମାରିଛି ।

## ପୂର୍ବତଟ ରେଳପଥରେ ନିର୍ଦ୍ଦିଷ୍ଟ ଟ୍ରେନ୍‌ଗୁଡ଼ିକର ସମୟସୂଚୀରେ ପରିବର୍ତ୍ତନ



ପୂର୍ବତଟ ରେଳପଥ ତୁରନ୍ତ ପ୍ରଭାବରେ ଖୋର୍ଦ୍ଧା ରୋଡ୍ ଏବଂ ଭଦ୍ରକ ଷ୍ଟେସନ୍‌ରେ ତିନୋଟି ଟ୍ରେନ୍‌ର ସମୟସୂଚୀରେ ସଂଶୋଧନ କରିଛି, ଯାହା ଦ୍ୱାରା ଟ୍ରେନ୍ ପରିଚାଳନା ସୁଗମ ଏବଂ ସମୟାନୁବର୍ତ୍ତିତା ହୋଇପାରିବ । ପୂର୍ବତଟ ରେଳପଥ ଟ୍ରେନ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ଏବଂ ସମୟାନୁବର୍ତ୍ତୀତାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ତୁରନ୍ତ ପ୍ରଭାବ ସହିତ ଖୋର୍ଦ୍ଧା ରୋଡ୍ ଏବଂ ଭଦ୍ରକ ଷ୍ଟେସନରେ ତିନୋଟି ଟ୍ରେନର ଚଳାଚଳ ସମୟରେ ସଂଶୋଧନ କରିଛି ।

ସଂଶୋଧିତ ସମୟସୂଚୀ : ୧. ଟ୍ରେନ୍ ନମ୍ବର ୧୮୧୧୮ ଗୁଣୁପୁର–ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ୍ ଷ୍ଟେସନ୍‌ରେ : ବିଦ୍ୟମାନ ସମୟ: ଆଗମନ ୨୦:୫୮ ଘଣ୍ଟା / ପ୍ରସ୍ଥାନ ୨୧:୦୦ ଘଣ୍ଟା ସଂଶୋଧିତ ସମୟ: ଆଗମନ ୨୧:୨୦ ଘଣ୍ଟା / ପ୍ରସ୍ଥାନ ୨୧:୪୦ ଘଣ୍ଟା ।

୨. ଟ୍ରେନ୍ ନମ୍ବର ୧୨୨୫୩ ଏସ୍.ଏମ୍.ଭି ଟି. ବେଙ୍ଗାଲୁରୁ–ଭାଗଲପୁର ସାପ୍ତାହିକ ଏକ୍ସପ୍ରେସ୍‌କୁ ଭଦ୍ରକ ଷ୍ଟେସନ୍‌ରେ ଏକ ନୂତନ ଷ୍ଟପେଜ୍ ପ୍ରଦାନ କରାଯାଇଛି, ଯାହା ୧୮:୧୬ ଘଣ୍ଟାରେ ଆଗମନ ଏବଂ ୧୮:୧୮ ଘଣ୍ଟାରେ ପ୍ରସ୍ଥାନ କରିବ ।

୩. ଟ୍ରେନ ନମ୍ବର ୨୨୮୫୬ ତିରୁପତି–ସାନ୍ତ୍ରାଗାଛି ସାପ୍ତାହିକ ଏକ୍ସପ୍ରେସ ଭଦ୍ରକ ଷ୍ଟେସନରେ : ବିଦ୍ୟମାନ ସମୟ : ଆଗମନ ୧୮:୨୬ ଘଣ୍ଟା / ପ୍ରସ୍ଥାନ ୧୮:୨୮ ଘଣ୍ଟା । ସଂଶୋଧିତ ସମୟ: ଆଗମନ ୧୮:୧୬ ଘଣ୍ଟା / ପ୍ରସ୍ଥାନ ୧୮:୧୮ ଘଣ୍ଟା । ଏହି ଟ୍ରେନଗୁଡିକର ଅନ୍ୟ ସମସ୍ତ ଷ୍ଟେସନ ଗୁଡିକରେ ଚଳାଚଳ ସମୟ ଅପରିବର୍ତ୍ତିତ ରହିବ । ଯାତ୍ରୀମାନଙ୍କୁ ସଂଶୋଧିତ ସମୟ ଉପରେ ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି ।

## ୩୭ତମ ସର୍ବ ଭାରତୀୟ ଲାଲ୍ ମନି କ୍ରିକ୍ ଫେଷ୍ଟ ୨୦୨୬

# ବାପୁଜୀ କ୍ଲବ୍ ଭୁବନେଶ୍ୱରକୁ ହରାଇ ଏମ୍‌ଏମ୍‌ସି ସି ସମ୍ବଲପୁର ଚାମ୍ପିଅନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଜିଲ୍ଲା କ୍ରିକେଟ୍ ସଂଘ ପକ୍ଷରୁ ଆୟୋଜିତ ୩୭ତମ ସର୍ବ ଭାରତୀୟ ଲାଲ୍ ମନି କ୍ରିକେଟ ୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ବାପୁଜୀ କ୍ଲବ୍ ଭୁବନେଶ୍ୱର ଓ ଏମ୍‌ଏମ୍‌ସିସି ସମ୍ବଲପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଫାଇନାଲର ତିନୋଟି ମ୍ୟାଚ୍ ଖୁବ୍ ରୋମାଞ୍ଚକର ହୋଇଥିଲା, ଯାହାକି ୩୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଖେଳର ଖୁବ ଉତ୍ସାହିତ ହୋଇଥିଲେ । ଟି–୨୦ ମ୍ୟାଚ୍‌ରେ ସମ୍ବଲପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ୭ ୱିକେଟ ବିନିମୟରେ ୨୯୫ ରନ୍ କରିଥିଲେ । ଦଳ ପକ୍ଷରୁ ଗୌରବ ତୋମୋର୍ ସର୍ବାଧିକ ୫୦ ବଲରେ ୧୨୩ ରନ୍ କରିଥିଲେ । ନବନିତ୍ ଝା ୨୮ ବଲରେ ୭୯ ରନ୍, ଜସ୍ମିତ ୧୧ ବଲରେ ୩୭ ରନ୍, ଅଶ୍ୱିନୀ ଚିଲ୍ଲର ୧୯ ବଲରେ ୩୩ ରନ୍ କରିଥିଲେ । ଭୁବନେଶ୍ୱର ଦଳ ପକ୍ଷରୁ ନିରଞ୍ଜନ ବେହେରା ସର୍ବାଧିକ ୩ଟି ୱିକେଟ୍ ହାସଲ କରିଥିଲେ । ପ୍ରତିଉତ୍ତରରେ ଭୁବନେଶ୍ୱର ଦଳ ୨୬.୩ ଓଭରରେ ସମସ୍ତ ୱିକେଟ ହରାଇ ୨୦୮ ରନ କରିପାରିଥିଲେ । ଦଳ ପକ୍ଷରୁ ରାକେଶ ପଟ୍ଟନାୟକ ୨୯ ବଲରେ ୬୬ ରନ, ଓ ପ୍ରାୟସ ସିଂହ ୨୪ ବଲରେ ୭୩ ରନ କରିଥିଲେ । ସମ୍ବଲପୁର ଦଳ ପକ୍ଷରୁ ଜସ୍‌ମିତ ସର୍ବାଧିକ ୩ଟି ୱିକେଟ୍, ମନୀଷ ସେରାୱତ, ଯଶ ଶର୍ମା ଓ ନବନିତ ଝା ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ । ଟି–୧୦ ମ୍ୟାଚ୍‌ରେ ସମ୍ବଲପୁର ଦଳ ବ୍ୟାଟିଂ କରି ୧୦ ଓଭରରେ ୭ ୱିକେଟ ହରାଇ ୧୬୨ ରନ୍ କରିଥିଲେ । ଦଳ ପକ୍ଷରୁ ଜସ୍‌ମିତ ଶର୍ମା ସର୍ବାଧିକ ୨୧ ବଲରେ ୬୪ ରନ୍, ଅଶ୍ୱିନୀ ଚିଲ୍ଲର ୧୪ ବଲରେ ୧୯ ରନ, ଅନ୍‌ମୋଲ ୩ ବଲରେ ୧୨ ରନ୍ କରିଥିଲେ । ଭୁବନେଶ୍ୱର ଦଳ ପକ୍ଷରୁ ସୁଶିଲ ବାରିକ ୩ ଟି ୱିକେଟ୍ ହାସଲ କରିଥିଲେ । ପ୍ରତିଉତ୍ତରରେ ଭୁବନେଶ୍ୱର ଦଳ ୩ଟି ୱିକେଟ୍ ହରାଇ ୮.୫ ୧୭୮ ରନ ସଂଗ୍ରହ କରି ମ୍ୟାଚ୍ ବିଜୟୀ ହୋଇଥିଲେ । ଦଳ




ପକ୍ଷରୁ ଜୟନ୍ତ ୧୦ ବଲରେ ୩୩ ରନ୍, ଅଭିଷେକ ଯାଦବ ୧୯ ବଲରେ ୫୩ ରନ୍, ଅତୁଲ ସରକାର ୧୨ ବଲରେ ଅପରାଜିତ ୩୩ ରନ କରିଥିଲେ । ପ୍ରାୟସ ସିଂହ ୩୭ ରନ୍ କରିଥିଲେ । ସମ୍ବଲପୁର ଦଳ ପକ୍ଷରୁ ଯୋଗେଶ ୨ ଟି ୱିକେଟ୍ ହାସଲ କରିଥିଲେ । ଉଭୟ ଦଳର ସମାନ ସ୍ଥିତି ହେବାରୁ ସୁପର ଓଭର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସୁପର ଓଭରରେ ସମ୍ବଲପୁର ଦଳର ୧୮ ରନ୍ ଜବାବରେ ଭୁବନେଶ୍ୱର ଦଳ ମାତ୍ର ୯ ରନ କରି ପାରିଥିଲେ । ସମ୍ବଲପୁର ଏମ୍‌ଏମ୍‌ସିସି ଦଳ ଚଳିତ ବର୍ଷ ୨୦୨୬ ଲାଲ୍ ମନି କ୍ରିକେଟର ଚାମ୍ପିଅନ ବିବେଚିତ ହୋଇଛି । ସମ୍ବଲପୁରର ଖେଳାଳି ଯଶମିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇଥିଲା । ସମ୍ବଲପୁରର ଅଶ୍ୱିନୀ ଚିଲ୍ଲରଙ୍କୁ ମ୍ୟାନ ଅଫ ଦି ସିରିଜ୍, ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ ଓ ଶ୍ରେଷ୍ଠ ୱିକେଟ କିପର ଭାବରେ ପୁରସ୍କୃତ କରାଯାଇଥିଲା । ଭୁବନେଶ୍ୱରର ପ୍ରାୟସ ସିଂହଙ୍କୁ ଶ୍ରେଷ୍ଠ ବୋଲର ଭାବେ ସୁନ୍ଦରଗଡ଼ର ଗୌତମ ସୁନାଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ, ଅଶ୍ୱିନୀ ଚିଲ୍ଲରଙ୍କୁ ସର୍ବାଧିକ ଛକ୍କା ଓ ଚୌକା ମାଷ୍ଟର ଖେଳାଳି ଭାବେ ଅନୁଗୁଳ ଦଳର ଆୟୁଷ ହ୍ୟାଟ୍ରିକ ୱିକେଟ ଭାବେ ଦେବାଶିଷ ବାଗ୍‌ଙ୍କୁ ଶ୍ରେଷ୍ଠ କ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ଓସିଏ ପ୍ୟାନେଲ ଅମ୍ପାୟାର ପୃଥିରାଜ ମିଶ୍ର, ସତ୍ୟ ପ୍ରସାଦ ମିଶ୍ର ଫାଇନାଲ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରଦୀପ ସେଠୀ ଓ କ୍ଷେତ୍ର ବାସୀ ସାହୁ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ । ଅନଲାଇନ୍ ସ୍କୋରିଂରେ ଦିନେଶ ଘିବିଲା, ବିଶ୍ୱନାଥ ନାୟକ, ଓ ହିମାଂଶୁ ପଧାନ ଦାୟିତ୍ୱ ତୁଲାଇଥିଲେ । ସନ୍ତୋଷ ନାୟାର, ବି.ଏସ. ରାଓ, ଅଚ୍ୟୁତ ମିଶ୍ର, ପାର୍ଥ ସାରଥୀ ଦାଶ ଓ ବିନୋଦ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚ୍ ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଏସଡିସିଏର ସଭାପତି ରାମଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଶିଳ୍ପ, ବୈଶିକ ଜ୍ଞାନ କୌଶଳ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଏମ୍ ପୁର ବିଧାୟକ ଇଂ ରଘୁନାଥ ଜଗଦଲା, ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପଧାନ, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଓସିଏ ସଂପାଦକ ସଞ୍ଜୟ ବେହେରା, ଓସିଏ ଯୁଗ୍ମ ସଂପାଦକ ପ୍ରଭାତ ଭୋଳ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସଂପାଦକ ଅଭିଜିତ ପାଲ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳାଳି ନରେନ୍ଦ୍ର ହିରୱାନିଙ୍କ ସହ ବରଗଡ଼, ବୌଦ୍ଧ ଓ ବଲାଙ୍ଗିର, ସମ୍ବଲପୁର, ଭଦ୍ରକ ଓ ନୂଆପଡ଼ା ଜିଲ୍ଲାର କ୍ରିକେଟ୍ ସଂଘର ସଂପାଦକମାନେ ମଞ୍ଚାସୀନ । ଏସଡିସିଏର ସଂପାଦକ ପ୍ରଦୀପ ସେଠି ବାର୍ଷିକ ବିବରଣୀ ପାଠ କରିଥିଲେ । ଉପସଭାପତି ବି. ସତ୍ୟ ନାରାୟଣ ରାଓ ଧନ୍ୟବାଦ୍ ଅର୍ପଣ କରିଥିଲେ । କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର, ବାଙ୍କା ବିହାରୀ ମହଲା, ରାଜେନ୍ଦ୍ର ନାରାୟଣ ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ପାର୍ଥ ସାରଥି କର, ନବ ମିଶ୍ର, ନାଗେଶ୍ୱର ପାତ୍ର, ସୁଦର୍ଶନ ପାତ୍ର(ଲୁଲୁ), ଉଦ୍‌ଯାପନୀ ଉତ୍ସବର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଟାଟା ଷ୍ଟିଲ୍ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**




ଯାଜପୁର ଜିଲ୍ଲା କଳିଙ୍ଗନଗର ସ୍ଥିତ ଟ୍ରେନିଂ ସେଣ୍ଟରର ଡିଇଟି ପଡ଼ିଆରେ ଏକ ଭବ୍ୟ ସମାରୋହ ସହିତ ଟାଟା ଷ୍ଟିଲ୍ କଳିଙ୍ଗ ନଗର ପକ୍ଷରୁ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଟାଟା ଷ୍ଟିଲ୍ କଳିଙ୍ଗ ନଗରର ଭାଇସ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଦେଶର ଗଣତାନ୍ତ୍ରିକ ଐତିହ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟିଏସକେର ବରିଷ୍ଠ ଅଧିକାରୀ, ୟୁନିୟନ ପ୍ରତିନିଧି ଏବଂ ବହୁ ସଂଖ୍ୟାରେ କର୍ମଚାରୀଙ୍କ ସମେତ ସେମାନଙ୍କ ପରିବାର ଓ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ । ପତାକା ଉତ୍ତୋଳନ ପରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ପରେଡ୍ ଏବଂ ସ୍ୱତନ୍ତ୍ର 'ମକ୍ ଡ୍ରିଲ୍' ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସାହସିକତା ପ୍ରଦର୍ଶନ କରିଥିବା କେତେକ ସୁରକ୍ଷା କର୍ମୀଙ୍କୁ ସମ୍ମାନିତ କରାଯାଇଥିଲା । ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କ ଦ୍ୱାରା ବିଭିନ୍ନ ଦେଶପ୍ରେମମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯେଉଁଥିରେ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଭାରତର ବିବିଧ ପରମ୍ପରାକୁ ପ୍ରଦର୍ଶିତ କରାଯାଇଥିଲା । ଅନୁରୂପ ଭାବେ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଏବଂ ଟାଟା ଷ୍ଟିଲ୍ ଡାଉନଷ୍ଟ୍ରିମ୍ ପ୍ରଡକ୍ଟସ୍ ଲିମିଟେଡ୍ ଠାରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏନଆଇଏନଏଲ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପଦ୍ମପାଳ ଏବଂ ଟିଏସଡିପିଏଲ କଳିଙ୍ଗନଗରର ମୁଖ୍ୟ ରାଜେଶ ଚୌଧୁରୀ ନିଜ ନିଜ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

# ବାଧାମୁକ୍ତ ଶାସନ : ଭିତ୍ତିଭୂମି ପାଇଁ ଭାରତର ସାଂଗଠନିକ ଢାଞ୍ଚା

**ଅରିହନ୍ତ କୁମାର**
ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି)ର ଲିଡ୍ ଏବଂ ବରିଷ୍ଠ ସହାୟକ ଉପାଧ୍ୟକ୍ଷ

ସ୍ୱାଧୀନତା ପରଠାରୁ ଭିତ୍ତିଭୂମି ଭାରତର ପ୍ରଗତି ଦୃଷ୍ଟିକୋଣକୁ ଆକାର ଦେଇଆସିଛି । ଦୃଷ୍ଟିକୋଣ ସ୍ପଷ୍ଟ ଥିଲା– ରେଳପଥ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ, ରାଜପଥ ରାଜ୍ୟମାନଙ୍କ ମଧ୍ୟରେ ବାଣିଜ୍ୟକୁ ସହଜ କରିବ, ଜଳସେଚନ ବ୍ୟବସ୍ଥା କୃଷିର ମେରୁଦଣ୍ଡ ହେବ ଏବଂ ବିଦ୍ୟୁତ୍ ଲାଇନ ଦେଶର ସବୁଠାରୁ ଦୂରବର୍ତ୍ତୀ ଗ୍ରାମଗୁଡ଼ିକୁ ଆଲୋକିତ କରିବ । କିନ୍ତୁ ପ୍ରକଳ୍ପଗୁଡ଼ିକ ବଡ଼ ହେବା ସହିତ, ସେଗୁଡ଼ିକ କ୍ରମଶଃ ଜଟିଳ ହୋଇଗଲା । ଜମି ଅନୁମୋଦନ ଅପେକ୍ଷାରେ ଥିଲା, ଅନୁମୋଦନ ଡିଜାଇନ୍ ଅପେକ୍ଷାରେ ଥିଲା, ଡିଜାଇନ୍ ବ୍ୟବହାର ପରିବର୍ତ୍ତନ ଅପେକ୍ଷାରେ ଥିଲା, ଏବଂ ଲାଭଗୁଡ଼ିକ ଅନ୍ୟ ଏକ କାର୍ଯ୍ୟାଳୟ, ଅନ୍ୟ ଏକ କ୍ଷେତ୍ରାଧିକାର, ଅନ୍ୟ ଏକ ଫାଇଲରେ ପୋତି ହୋଇ ଅନୁମୋଦନ ଅପେକ୍ଷାରେ ଥିଲା । ପ୍ରତ୍ୟେକ ବିଳମ୍ବର ଏକ କାରଣ ଥିଲା, ପ୍ରତ୍ୟେକ କାରଣ ପାଇଁ କେହି ଦାୟୀ ଥିଲେ, କିନ୍ତୁ ଫଳାଫଳ ପାଇଁ ପ୍ରକୃତରେ କେହି ଦାୟିତ୍ୱ ନେଉନଥିଲେ । ବର୍ଷ ବର୍ଷ ଧରି, ଅନେକ ପ୍ରକଳ୍ପ ଖଣ୍ଡ ଖଣ୍ଡ ଭାବରେ ଜାରି ରହିଲା, ପୃଥକ ଭାବରେ ସମୀକ୍ଷା କରାଗଲା, ପରେ ସ୍ପଷ୍ଟ କରାଗଲା ଏବଂ ସବୁଦିନ ପାଇଁ ବିଳମ୍ବିତ ହେଲା । ପ୍ରଗତି ଯେତେବେଳେ ସ୍ଥଗିତ ହେଲା, ଦାୟିତ୍ୱ ପ୍ରକ୍ରିୟାର ଜଟିଳତାରେ ଫସିଗଲା । ସବୁଠାରେ ବ୍ୟସ୍ତତା ଥିଲା–ଫାଇଲ ଚାଲୁଥିଲା, ବୈଠକ ହେଉଥିଲା କିନ୍ତୁ କୌଣସି ସ୍ଥାନରେ ବାସ୍ତବ କାର୍ଯ୍ୟରେ ଅଗ୍ରଗତି ଦେଖାଯାଉ ନ ଥିଲା । ଏହି ଅଭିଜ୍ଞତା ଭାରତକୁ ଶିଖାଇଲା ଯେ, ଦୃଷ୍ଟିକୋଣ ଯେତେ ସୁସ୍ପଷ୍ଟ ହେଉ, ଦାୟିତ୍ୱବୋଧ ଏବଂ ସମନ୍ୱୟ ଛଡ଼ା ଭିତ୍ତିଭୂମି ରୂପାୟନ ସମ୍ଭବ ନୁହେଁ ।

ଯାହାର ଅଭାବ ଥିଲା ତାହା ଉଦ୍ଦେଶ୍ୟ କିମ୍ବା ନିବେଶ ନୁହେଁ, ବରଂ ଏକ ମଞ୍ଚ ଯେଉଁଠାରେ ପରସ୍ପର ସହିତ ଜଡିତ ବାଧା ଗୁଡ଼ିକୁ ଏକାଠି ଦେଖାଯାଇପାରିବ, ଏକାଠି ସମାଧାନ କରାଯାଇପାରିବ ଏବଂ ଦୂର କରାଯାଇପାରିବ । ପ୍ରକଳ୍ପ ପରିଚାଳନାରେ ଏହି ନୀରବ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଫାଟକୁ ପ୍ରଗତି ନେତୃତ୍ୱାଧୀନ ଇକୋସିଷ୍ଟମ ପୂରଣ କରିବାକୁ ଚେଷ୍ଟା କରିଥିଲା ।

ପ୍ରଗତି ସମୀକ୍ଷାର ଏକ ନୂତନ ସ୍ତର ଭାବରେ ଆସି ନଥିଲା, ବରଂ ଏକ ସଂଯୋଗ ଭାବରେ ଆସିଥିଲା ଯେଉଁଠାରେ ସମାନ୍ତରାଳ ପଥ ଶେଷରେ ମିଶିଥିଲା । ୨୦୧୫ରେ କଳ୍ପନା କରାଯାଇଥିଲା, ଏହା ଏକ ସରଳ ଧାରଣା ଥିଲା: ଯେ ତଦାରଖ ନିଷ୍ପତ୍ତି ନେବା ଉଚିତ, ଏବଂ ନିଷ୍ପତ୍ତି ପ୍ରଦାନ କରିବା ଉଚିତ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ, ଏହା କେନ୍ଦ୍ର ସଚିବ ଏବଂ ରାଜ୍ୟ ମୁଖ୍ୟ ସଚିବମାନଙ୍କୁ ଏକାଠି କରିଥିଲା, ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏବଂ ସେମାନଙ୍କର ପ୍ରତିବନ୍ଧକ ଗୁଡ଼ିକର ଏକକ, ସହଭାଗୀ ଦୃଷ୍ଟିକୋଣ ସହିତ କାର୍ଯ୍ୟ କରିବାର କ୍ଷମତା ଥିବା ଲୋକଙ୍କୁ ଏକତ୍ର କରିଥିଲା । ନିର୍ଦ୍ଦିଷ୍ଟ ସଫଳତା ଗୁଡ଼ିକୁ ଯାଞ୍ଚ କରାଯାଇ, ପ୍ରସଙ୍ଗଗୁଡ଼ିକୁ ସାମ୍ନାକୁ ଅଣାଯିବା ସହ ସିଧାସଳଖ ପ୍ରଶ୍ନ ପଚରାଯାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦାୟିତ୍ୱ ପାଇଁ ଏକ ନାମ, ଏକ ନିର୍ଦ୍ଦିଷ୍ଟ ସମୟ ଏବଂ ଏକ ଫେରିବା ତାରିଖ ସ୍ଥାପନ କରାଯାଇଥିଲା ।

ତଥାପି, ପ୍ରଗତିର ପ୍ରକୃତ କାହାଣୀ କେବଳ ଏହି ଉଚ୍ଚ–ପ୍ରୋଫାଇଲ୍ ସମୀକ୍ଷା ସମୟରେ ପ୍ରକାଶ ପାଏ ନାହିଁ । ଏହା ପୂର୍ବରୁ ଏବଂ ପରେ ଆସୁଥିବା ନୀରବ, ଚାଲୁଥିବା କାର୍ଯ୍ୟରେ ବଞ୍ଚିଥାଏ । ପ୍ରସ୍ତୁତି, ପ୍ରତିଷ୍ଠାଗତ ସ୍ମୃତି ଏବଂ ଅନୁସରଣର ଏହି ଶୃଙ୍ଖଳା ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମ୍‌ଜି) ଦ୍ୱାରା ପ୍ରଦାନ କରାଯାଇଛି, ଯାହା ଏହି ଇକୋସିଷ୍ଟମ କାର୍ଯ୍ୟର ମେରୁଦଣ୍ଡ ଗଠନ କରେ ।

ମୁଁ ପିଏମ୍‌ଜିକୁ ଏପରି ଭାବରେ ବୃଦ୍ଧି ପାଉଥିବା ଦେଖିଛି ଯାହା କି ଅନ୍ୟ ଅନୁଷ୍ଠାନରେ ସାଧାରଣତଃ ଦେଖାଯାଇ ନଥାଏ । ଏକ ସରଳ ଡିଜିଟାଲ ଇଣ୍ଟରଫେସ୍ ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ଏକ ପରିପକ୍ୱ, ପ୍ରଯୁକ୍ତିବିଦ୍ୟା–ଚାଳିତ, ସଫଳତା–ଆଧାରିତ ମନିଟରିଂ ପ୍ଲାଟଫର୍ମରେ ବିକଶିତ ହୋଇଛି ଯାହା ଭାରତରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ତଦାରଖ ଏବଂ ସମାଧାନ କରିବାର ଉପାୟକୁ ପରିବର୍ତ୍ତନ କରିଛି । ଏହି ସ୍ଥାପତ୍ୟ ମଧ୍ୟରେ, ପିଏମ୍‌ଜି ଏକତ୍ରୀକରଣ ଏବଂ ବିଶ୍ଳେଷଣର ପ୍ରଥମ ବିନ୍ଦୁ ଭାବରେ କାର୍ଯ୍ୟ କରେ, ପ୍ରହରୀ ଏବଂ ଯୋଗାଯୋଗ–କାରୀ ଉଭୟ ଭାବରେ କାର୍ଯ୍ୟ କରେ । ଦଳ ପ୍ରକଳ୍ପଗୁଡ଼ିକୁ ନିକଟରୁ ତଦାରଖ କରେ, ଭୂମି ବାସ୍ତବତା ଶୁଣେ, ଦାବିଗୁଡ଼ିକୁ ବୈଧ କରେ ଏବଂ ପ୍ରଗତି ଉଚ୍ଚ–ସ୍ତରୀୟ ସମୀକ୍ଷା ପାଇଁ ଜଟିଳ ଇନପୁଟ୍‌ଗୁଡ଼ିକୁ ସଂରଚିତ ଅନ୍ତର୍ଦୃଷ୍ଟିରେ ରୂପାନ୍ତରିତ କରେ । ପୂର୍ବରୁ ଫାଇଲ୍, ପତ୍ରାଳାପ ଏବଂ ସାମୟିକ ସମୀକ୍ଷାରେ ରହିଥିବା ସୂଚନା ବର୍ତ୍ତମାନ ଏକକ ଡିଜିଟାଲ ସିଷ୍ଟମରେ ସଂଯୋଜିତ ହୋଇଛି, ଯାହା ପ୍ରଗତି, ଖର୍ଚ୍ଚ, ସମୟସୀମା, ସଫଳତା ଏବଂ ଭୂମି ଦୃଶ୍ୟ ପ୍ରମାଣ ଉପରେ ବାସ୍ତବ–ସମୟ ତଥ୍ୟ ପ୍ରଦାନ କରେ । ଆଜି, କ୍ୟାବିନେଟ୍–ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଅନୁମୋଦନର କିଛି ଦିନ ମଧ୍ୟରେ ସିଷ୍ଟମରେ ଅଛି । ସେମାନଙ୍କର ଯାତ୍ରା ଏକ ନିରନ୍ତର ତଥ୍ୟ ପ୍ରବାହ ମାଧ୍ୟମରେ ମ୍ୟାପ୍ କରାଯାଇଛି, ଯାହା ଅତୀତର ରିପୋର୍ଟିଂ ବଦଳରେ ବର୍ତ୍ତମାନର ବାସ୍ତବତା ଉପରେ ଆଧାରିତ ନିଷ୍ପତ୍ତି ନେବାରେ ସକ୍ଷମ ହୋଇଛି ।

ପ୍ଲାଟଫର୍ମର ସବୁଠାରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଏହାର ସଂରଚିତ ପ୍ରକଳ୍ପ ଏବଂ ସମସ୍ୟା ଟ୍ରାକିଂ ଫ୍ରେମୱାର୍କ । କାର୍ଯ୍ୟାନ୍ୱୟନ ପ୍ରତିବନ୍ଧକଗୁଡ଼ିକ ଆଉ ଚିଠି କିମ୍ବା ସଂଲଗ୍ନକରେ ଲୁଚି ରହେ ନାହିଁ; ସେଗୁଡ଼ିକୁ ଆନୁଷ୍ଠାନିକ ଭାବରେ ଲଗ୍ କରାଯାଏ, ସମୟସୀମା ସ୍ଥିର କରାଯାଏ ଏବଂ ସମାଧାନ ପାଇଁ ଏକ ସମୟସୀମା ସହିତ ସମ୍ପୃକ୍ତ ଅଂଶୀଦାରଙ୍କୁ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଏ । ଏହା ଆରମ୍ଭରୁ ସ୍ୱଚ୍ଛତାକୁ ସ୍ଥାପିତ କରେ । କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ପ୍ରକଳ୍ପ ପରିଚାଳକମାନେ ସମସ୍ତେ ସମାନ ସୂଚନା ଏକକାଳୀନ ଦେଖନ୍ତି, ମନ୍ତବ୍ୟ ପ୍ରଦାନ କରନ୍ତି, ଅପଡେଟ୍ ଅପଲୋଡ୍ କରନ୍ତି ଏବଂ ସମାପ୍ତି ପର୍ଯ୍ୟନ୍ତ ପ୍ରଗତି ନିରୀକ୍ଷଣ କରନ୍ତି ।

ଏହି ସହଭାଗୀ ଦୃଶ୍ୟମାନତା ଉତ୍ତର ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରେ । ଭୂମିକା–ଭିତ୍ତିକ ଡ୍ୟାସବୋର୍ଡଗୁଡ଼ିକ ଏକ ବ୍ୟକ୍ତିଗତ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ବରିଷ୍ଠ ନେତୃତ୍ୱଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଧିକାରୀମାନଙ୍କୁ ସେମାନଙ୍କ କ୍ଷେତ୍ରାଧିକାରରେ କ'ଣ ଧ୍ୟାନ ଦେବା ଆବଶ୍ୟକ ତାହା ଦେଖିବାକୁ ଅନୁମତି ଦିଏ । ସ୍ୱୟଂଚାଳିତ ସତର୍କତା, ରିମାଇଣ୍ଡର ଏବଂ ଅନୁପାଳନ ଟ୍ରାକିଂ ନିଶ୍ଚିତ କରେ ଯେ ସମୟ ସହିତ ସମସ୍ୟାଗୁଡ଼ିକ ହଜି ନଥାଏ, ବରଂ ସମାଧାନ ନହେବା ପର୍ଯ୍ୟନ୍ତ ପୁନର୍ବାର ସାମ୍ନାକୁ ଆସିଥାଏ । ବୈଠକର କାର୍ଯ୍ୟସୂଚୀ, ମିନିଟ୍ ଏବଂ ସମୀକ୍ଷା ଡକ୍ୟୁମେଣ୍ଟଗୁଡ଼ିକ ସିଧାସଳଖ ତଥ୍ୟରୁ ସୃଷ୍ଟି ହୁଏ, ଯାହା ନିୟମିତ ରିପୋର୍ଟିଂକୁ ହ୍ରାସ କରେ ଏବଂ ନିଷ୍ପତ୍ତି ଗ୍ରହଣ ଉପରେ ଧ୍ୟାନ ବୃଦ୍ଧି କରେ ।

ଭୁବନେଶ୍ୱର
୨୮ ଜାନୁଆରୀ,
ବୁଧବାର, ୨୦୨୬
RNI Regd. No. : 52640/94
Postal Regd. No. :
BN/60/25-27

# ଆଜି ଶ୍ରୀଜୀଉଙ୍କ ବନକଲାଗି ନୀତି : ୪ ଘଣ୍ଟା ଦର୍ଶନ ବନ୍ଦ



ପୁରୀ, ୨୭।୧ :ନ୍ୟୁଜ୍‌ବ୍ୟୁରୋ

ବୁଧବାର ପବିତ୍ର ମାଘ ଶୁକ୍ଳ ଦଶମୀ ତିଥି। ମାଘ ଶୁକ୍ଳ ଦଶମୀ ତିଥି ଅବସରରେ ଶ୍ରୀଜୀଉଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ବିଧିବ୍ୟବସ୍ଥା ଗ୍ରହଣ କରାଯାଇଛି। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ବୁଧବାର ୪ ଘଣ୍ଟା ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ। ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱର : ଆଦିବାସୀ ପଡ଼ିଆରେ ଆୟୋଜିତ ଆଦିବାସୀ ମେଳାକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଉପସ୍ଥିତ ଅଛନ୍ତି ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# କୋର୍ଟରେ ହାଜର ହେଲେ ହାର୍ଡକୋର୍ ମାଓବାଦୀ ଆଜାଦ



ମୋହନା, ୨୭।୧ :ନ୍ୟୁଜ୍‌ବ୍ୟୁରୋ

ପୋଲିସ ହାର୍ଡକୋର୍ ମାଓବାଦୀ ଆଜାଦଙ୍କୁ ରିମାଣ୍ଡରେ ଆଣି ମୋହନା ଜେଏମଏଫସି କୋର୍ଟରେ ହାଜର କରିଛି। ମାଓବାଦୀ ସବ୍ୟସାଚୀ ପଣ୍ଡାଙ୍କ ଡାହାଣ ହାତ କୁହାଯାଉଥିବା ଡୁନା କେଶବ ରାଓ ଓରଫ ଆଜାଦ ଗଜପତି ଜଲ୍ଲାର ବିଭିନ୍ନ ସ୍ଥାନରେ ମାଓ ହିଂସା ଘଟାଇଥିଲା। ତା' ନାମରେ ୨୦୦୮, ୨୦୦୯ ଏବଂ ୨୦୧୧ରେ ସମୁଦାୟ ୧୭ଟି ମାମଲା ରହିଛି। ନୟାଗଡ଼ ଜିଲ୍ଲା ପୋଲିସ ଷ୍ଟେସନରେ ନିଆଁ ଲଗାଇବା ସହ ଅସ୍ତ୍ର ଶସ୍ତ୍ର ଚୋରି ଘଟଣାରେ ୨୦୧୧ରେ ଆଜାଦକୁ ଗିରଫ କରାଯାଇଥିଲା। ଗିରଫ ପରେ ତାକୁ ଭୁବନେଶ୍ୱର ଝାରପଡ଼ା ଜେଲରେ ରଖା ଯାଇଥିଲା। ଦୀର୍ଘ ୧୪ ବର୍ଷ ପରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିଲା ଆଜାଦ। ଫଳରେ ମଙ୍ଗଳବାର କଡ଼ା ସୁରକ୍ଷା ବଳୟରେ ତାକୁ ମୋହନା କୋର୍ଟରେ ହାଜର କରାଯାଇଛି। ତା' ନାମରେ ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ବିଟ୍ ହାଉସ୍ ଉଡେଇବା, ମାଦ୍ରାବାଜୁ ପୋଲିସ ସହିତ ଗୁଳି ବିନିମୟ, ଠିକାଦାର କ୍ୟାମ୍ପ ଉପରେ ଆକ୍ରମଣ ସହ ସରକାରୀ ବସ୍ ପୋଡି ଭଳି ବିଭିନ୍ନ ସଙ୍ଗୀନ ମାମଲା ରହିଛି। ସୁପ୍ରିକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ସମସ୍ତ ମାମଲାର ଶୀଘ୍ର ଶୁଣାଣି ପାଇଁ ଚଳିତ ମାସ ୨ ତାରିଖରେ ପାରଳାଖେମୁଣ୍ଡିରେ ସତନ୍ତ୍ର କୋର୍ଟ ଖୋଲାଯାଇଛି। ଯାହାକୁ ନେଇ ଆଜାଦକୁ ମୋହନା କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ମାମଲା ସଙ୍ଗୀନ ରହିଥିବା ହେତୁ ପାରଳାଖେମୁଣ୍ଡିରେ ସତନ୍ତ୍ର ଭାବେ ଶୁଣାଣି କରାଯିବା ନେଇ ଆଜାଦର ଓକିଲ ସନ୍ତୋଷ କୁମାର ପାଢ଼ୀ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି।

# ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ପରେଡ୍‌ରେ ସାମିଲ ହେଲା ଓଡ଼ିଶା ପୋଲିସର ପ୍ରଜ୍ଞାପନୀ ମେଢ଼

ଭୁବନେଶ୍ୱର, ୨୭।୧
ନ୍ୟୁଜ୍‌ବ୍ୟୁରୋ

୭୭ତମ ଗଣତନ୍ତ୍ର ଦିବସ–୨୦୨୬ ଅବସରରେ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ୟାରେଡ୍‌ରେ ଓଡ଼ିଶା ପୋଲିସର ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି। ପ୍ରଥମ ଥର ପାଇଁ ଓଡ଼ିଶା ପୋଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ସେବା, ସୁରକ୍ଷା ଏବଂ ବିଶ୍ୱାସର ପ୍ରତୀକ ଏକ ସ୍ୱତନ୍ତ୍ର ପ୍ରଜ୍ଞାପନୀ ମେଢ଼ ସାଧାରଣ ଜନତାଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ ପ୍ରଜ୍ଞାପନୀ ମେଢ଼ଟି ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥା, ସାମୁଦ୍ରିକ ପୋଲିସ ଷ୍ଟେସନଗୁଡ଼ିକର କାର୍ଯ୍ୟକ୍ଷମତା, ଟ୍ରଲର ମାଧ୍ୟମରେ ପାଟ୍ରୋଲିଂ ଏବଂ ଅତ୍ୟାଧୁନିକ ଡ୍ରୋନ୍‌ର ବ୍ୟବହାରକୁ ସୃଜନାତ୍ମକ ଓ ସୁସ୍ପଷ୍ଟ ଭାବେ ଉପସ୍ଥାପନ କରାଯାଇଥିଲା।

ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମୁଦ୍ରିକ ବିପଦରୁ ରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସତର୍କ ସୂଚନା ପ୍ରଦାନ ଏବଂ ଉପକୂଳବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷା ଯୋଗାଇବାରେ ଉପକୂଳ ସୁରକ୍ଷା ଶାଖାର ଭୂମିକା ଏହି ପ୍ରଜ୍ଞାପନୀ ମେଢ଼ରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। ଏହାସହିତ କମ୍ୟୁନିଟି ପୋଲିସିଂ, ଆଧୁନିକ ପୋଲିସିଂ ଭଳି ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପଗୁଡ଼ିକୁ ମଧ୍ୟ ମେଢ଼ରେ ସୃଜନାତ୍ମକ ଭାବେ ଉପସ୍ଥାପନ କରାଯାଇଥିଲା।

ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି ଯେ, ଗଣତନ୍ତ୍ର ଦିବସ ପରେଡ୍‌ରେ ପ୍ରଦର୍ଶିତ ହୋଇଥିବା ଓଡ଼ିଶା ପୋଲିସର ପ୍ରଥମ ପ୍ରଜ୍ଞାପନୀ ମେଢ଼ ଉପକୂଳ ସୁରକ୍ଷା ଶାଖାର ପରିବର୍ତ୍ତନଶୀଳ ଯାତ୍ରା ଓ ଲୋକାଭିମୁଖୀ ପୋଲିସିଂର ଏକ ପ୍ରତୀକ। ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତାଙ୍କ ସୁରକ୍ଷା ଓ ବିଶ୍ୱାସ ହାସଲ କରିବା ହିଁ ଓଡ଼ିଶା ପୋଲିସର ସର୍ବୋଚ୍ଚ ପ୍ରାଥମିକତା ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଇଣ୍ଡିଆ ଏନର୍ଜି ୱିକ ୨୦୨୬ର ଉଦ୍‌ଘାଟନ କଲେ ପିଏମ ମୋଦୀ

ନୂଆଦିଲ୍ଲୀ, ୨୭।୧

ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଇଣ୍ଡିଆ ଏନର୍ଜି ୱିକ୍ ୨୦୨୬ର ଚତୁର୍ଥ ସଂସ୍କରଣର ଉଦ୍‌ଘାଟନ କରି କାର୍ଯ୍ୟକ୍ରମକୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଭାରତର ଶକ୍ତି କ୍ଷେତ୍ର ଦେଶର ଆକାଂକ୍ଷାର କେନ୍ଦ୍ରବିନ୍ଦୁରେ ରହିଛି ଏବଂ ଏଠାରେ ପ୍ରାୟ ୫୦୦ ବିଲିୟନ୍ ଡଲାର ପର୍ଯ୍ୟନ୍ତ ନିବେଶର ସୁଯୋଗ ଉପଲବ୍ଧ ଅଛି। ପ୍ରଧାନମନ୍ତ୍ରୀ ବିଶ୍ୱ ନିବେଶକମାନଙ୍କୁ "ମେକ୍ ଇନ୍ ଇଣ୍ଡିଆ, ଇନୋଭେଟ୍ ଇନ୍ ଇଣ୍ଡିଆ, ସ୍କେଲ୍ ୱିଥ୍ ଇଣ୍ଡିଆ ଏବଂ ଇନଭେଷ୍ଟ୍ ଇନ୍ ଇଣ୍ଡିଆ"ର ଆହ୍ୱାନ ଦେଇଛନ୍ତି।

## କଟକ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

# ନୂତନ ବୈଷୟିକ ଜ୍ଞାନକୌଶଳକୁ ଆଦୃତ କରି ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା

କଟକ, ୨୭।୧ :ନ୍ୟୁଜ୍‌ବ୍ୟୁରୋ




କଟକ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ସମାଜର ସବୁବର୍ଗର ଉତ୍‌ଥାନ ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ତଥା କାର୍ଯ୍ୟକ୍ରମ ହାତକୁ ନେଉଥିବା ବିଷୟ ଉତ୍‌ଥାପନ କରିଥିଲେ। ଚଳିତଥର ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ୯ଟି ସୁସଜ୍ଜିତ ପ୍ରଜ୍ଞାପନ ମେଢ ସ୍ଥାନ ପାଇଥିଲା। ଜିଲ୍ଲାପାଳଙ୍କ ନେତୃତ୍ୱରେ କମିଟି ଗଠନ କରାଯାଇ ପ୍ରଜ୍ଞାପନ ମେଢଗୁଡିକ ପ୍ରସ୍ତୁତ କରାଯାଇଥିଲା। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବନ୍ଦେ ମାତରମ୍ ଓ ବାଲିଯାତ୍ରାକୁ ନେଇ ଆକର୍ଷଣୀୟ ପ୍ରଜ୍ଞାପନ ମେଢ କରାଯାଇଥିବାବେଳେ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ମନ୍ଦିର, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆସ ସ୍କୁଲ ଯିବା ଓ ବିଦ୍ୟାଳୟର ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ, କଟକ ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା ହିଁ ସେବା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ, ଜିଲ୍ଲା ଜଙ୍ଗଲ ବିଭାଗ ପକ୍ଷରୁ ମନୁଷ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ସହାବସ୍ଥାନ, ଜିଲ୍ଲା ହସ୍ତତନ୍ତ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଏବଂ ମିଶନ୍ ଶକ୍ତି ପକ୍ଷରୁ ମହିଳା ସଶକ୍ତିକରଣ ଉପରେ ପ୍ରଜ୍ଞାପନ ମେଢଗୁଡିକ ସୁସଜ୍ଜିତ ହୋଇ ମଞ୍ଚ ଅତିକ୍ରମ କରିଥିଲା। ପରେ ପରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ୨୧ଜଣ ବ୍ୟକ୍ତିବିଶେଷ ଓ ୩ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ପରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ୨୪ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେଡ୍‌ରେ ପୋଲିସ୍, ହୋମଗାର୍ଡ, ଏନସିସି, ନାଭାଲ, ସ୍କାଉଟ୍ ଆଣ୍ଡ ଗାଇଡ୍ ଏବଂ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ତଥା ପୋଲିସ୍ ବ୍ୟାଣ୍ଡକୁ ମିଶାଇ ମୋଟ ୪୬ଟି ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନର ୧୦୦ ଦିନିଆ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ ଏକ ସାଇକେଲ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିବା ସହ ନିଜେ ସାଇକେଲ ମଧ୍ୟ ଚଳାଇଥିଲେ। ପରେ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କ ସହ ଆଲୋଚନା କରିଥିଲେ ଏବଂ ସେଠାରେ ଆୟୋଜିତ ପୁସ୍ତକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଏନଡିଆରଏଫ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ।

ସ୍ୱାଧୀନତା ଦିବସ ସମାରୋହ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ଇଂ ସୋଫିଆ ଫିରଦୋସ୍, ପ୍ରକାଶ ଚନ୍ଦ୍ର ସେଠୀ, ଛବି ମଲ୍ଲିକ୍ ପ୍ରମୁଖ ଯୋଗ ଦେଇଥିଲେ । ପତାକା ଉତ୍ତୋଳନ ମଞ୍ଚରେ ପୁଲିସ୍ କମିଶନର ଏସ୍. ଦେବଦତ ସିଂ, ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଆୟୁକ୍ତ କଟକ ମହାନଗର ନିଗର ସୁଶ୍ରୀ କିରନଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍ ଓ କିସ୍‌ରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର, ୨୭।୧
ନ୍ୟୁଜ୍‌ବ୍ୟୁରୋ




କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଶ୍ରୀଲଙ୍କା ସାଂସଦ ନାମଲ ରାଜପକ୍ଷ ସୋମବାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପରେଡ ଅଭିବାଦନ ଗ୍ରହଣ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ପ୍ରତିବର୍ଷ କିଟ୍ ଓ କିସ୍‌ରେ ସାଧାରଣତନ୍ତ୍ର ଦିବସ ଅତି ଆଡ଼ମ୍ବରରେ ପାଳିତ ହୋଇଥାଏ। ପ୍ରତିବର୍ଷ ବିଦେଶରୁ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥାନ୍ତି। ଚଳିତ ବର୍ଷ ଶ୍ରୀଲଙ୍କା ସାଂସଦ ନାମଲ ରାଜପକ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଗୁରୁତ୍ୱ ବୃଦ୍ଧି କରିଛନ୍ତି। ନାମଲଙ୍କ ସହ ଅନ୍ୟ ୯ଜଣ ଶ୍ରୀଲଙ୍କା ସାଂସଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ନାମଲ କହିଲେ, ଭାରତ ସବୁବେଳେ ଶ୍ରୀଲଙ୍କା ସହ ଜଣେ ବନ୍ଧୁ ଭାବେ ଠିଆ ହୋଇଛି। ଶ୍ରୀଲଙ୍କାରେ ଏକତା ଏକ ସ୍ଲୋଗାନ ନୁହେଁ; ଏହା ହେଉଛି ପ୍ରତିକୂଳ ପରିସ୍ଥିତିକୁ କିଭଳି ଦୂର କରିପାରିବୁ। ଶ୍ରୀଲଙ୍କା ପାଇଁ ଓଡ଼ିଶା ବହୁତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଶାନ୍ତି ଓ ସଦ୍‌ଭାବନା ପାଇଁ ବିଶ୍ୱ ସ୍ତରରେ ସମ୍ମାନିତ। ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ; ଓଡ଼ିଶା ହେଉଛି ଏକ ବାର୍ତ୍ତା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ନାମଲ କହିଲେ, ସଂସ୍କୃତି, ପରିଚୟ ଓ ଆଧୁନିକତାକୁ ନେଇ ପରସ୍ପର ସହିତ ଲଢ଼ିବା ଉଚିତ ନୁହେଁ। ଏଗୁଡ଼ିକୁ ନେଇ ସହାବସ୍ଥାନ ସହ ପରସ୍ପରର ସହଯୋଗକୁ ମଜବୁତ କରାଯିବା ଉଚିତ। ବଙ୍ଗୋପସାଗର ବିପରୀତ ପାର୍ଶ୍ୱରେ ଅବସ୍ଥିତ ଶ୍ରୀଲଙ୍କା ଓ ଭାରତ ଇତିହାସ, ସଂସ୍କୃତି ଓ ସ୍ମୃତି ଦ୍ୱାରା ବନ୍ଧା। ଏହି ସହଯୋଗକୁ ଆହୁରି ଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସୋସାଇଟିର ଉପସଭାପତି ଉମାପଦ ବୋଷ, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ, କିସ୍ ସଂପାଦକ ଆର ଏନ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା, ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର କେ.ଡି. ରାଜୁ, ଉପକୁଳପତି ଡା ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପି.କେ. ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କିଟ୍, କିସ୍ ଓ କିମ୍‌ସର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଭୁବନେଶ୍ୱର : ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସ୍ଥିତ ଦଳର ନେତା ଓ କର୍ମୀମାନଙ୍କୁ ଶ୍ରୀ ପଟ୍ଟନାୟକ ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଥିଲେ। (ଫଟୋ : ସମ୍ବାଦ କଳିକା)

# ସଡ଼କ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

ପଟ୍ଟାଙ୍ଗୀ, ୨୭।୧
ନ୍ୟୁଜ୍‌ବ୍ୟୁରୋ



କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ହାଇସ୍କୁଲ ସମୁଖରେ ଏକ ପିକ୍‌ଅପ ଭ୍ୟାନ ସହ ମୋଟର ସାଇକେଲ ଧକ୍କା ହୋଇଛି। ଏଥିରେ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣଙ୍କ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ପଡ଼ୋଶୀ ଆନ୍ଧ୍ର ରାଜ୍ୟର ଆରୁକୁ ଭେଲିରୁ ଦୁଇଟି ବାଇକ୍‌ରେ ୪ଜଣ ସାଙ୍ଗ ଦେଓମାଳି ପର୍ଯ୍ୟଟନସ୍ଥଳୀ ବୁଲିବାକୁ ସେମିଳିଗୁଡ଼ା ଅଭିମୁଖେ ଆଗ ପଛ ହୋଇ ଯାଉଥିଲେ। ଏହି ସମୟରେ କୁନ୍ଦୁଲି ହାଇସ୍କୁଲ ନିକଟରେ ମୋଟର ସାଇକେଲ ସମୁଖରେ ଯାଉଥିବା ଆନ୍ଧ୍ର ଯାତ୍ରୀବାହୀ ବସ୍‌କୁ ଅତିକ୍ରମ କରିବାପାଇଁ ଚେଷ୍ଟା କରୁଥିବା ବେଳେ ମୋଟର ସାଇକେଲଟି ଉକ୍ତ ବସରେ ପିଟି ହେବା ଫଳରେ ବସ୍‌ର କିଛି ଅଂଶ ଭାଙ୍ଗି ଯାଇଥିଲା।

ଏହି ସମୟରେ ସମ୍ମୁଖରୁ ପଟ୍ଟାଙ୍ଗି ଅଭିମୁଖେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳେ ପାଣ୍ଡୁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ ଜଣ ପ୍ରଶାନ୍ତ ଏବଂ ଜେମସଙ୍କୁ ଦୁର୍ଘଟଣାସ୍ଥଳରୁ କିଛି ଦୂରରେ ରହିଥିବା କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜେମସ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ ଜି ପ୍ରଶାନ୍ତ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ପାଇଁ ମା'ମାନେ ସଚେତନ ହୁଅନ୍ତୁ

ଭୁବନେଶ୍ୱର, ୨୭।୧
ନ୍ୟୁଜ୍‌ବ୍ୟୁରୋ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ 'ପଞ୍ଚତତ୍ୱ ପାର୍କ'ର ଉଦ୍‌ଘାଟନ କରିବା ସହ 'ସୁଭଦ୍ରା ସାଧନ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ ତଥା ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେସନ-କମ୍-କାପାସିଟି ବିଲ୍ଡିଂର ଦୁଇଦିନିଆ କର୍ମଶାଳାର ଶୁଭାରମ୍ଭ କରିବା ସହ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା' ଅଧୀନରେ ଶିଶୁମାନଙ୍କ ପାଇଁ ପୋଷାକ ଓ ଶୀତବସ୍ତ୍ର ମୂଲ୍ୟରେ ସଂଶୋଧନ କରି ମହିଳା ଓ ଶିଶୁଙ୍କ କଲ୍ୟାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିଜ ଅଭିଭାଷଣରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରେ ମା'ମାନଙ୍କୁ ଶିକ୍ଷିତ ତଥା ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ, ଯାହାଫଳରେ ସେମାନେ ଶିଶୁମାନଙ୍କ ଯତ୍ନ ନେବାରେ ସହାୟକ ହୋଇପାରିବେ। ଏହାସହ ସେ ସ୍ଥାନୀୟ ସ୍ତରରେ ଉପଲବ୍ଧ ପୁଷ୍ଟିକର ଖାଦ୍ୟର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ନବନିର୍ମିତ 'ପଞ୍ଚତତ୍ୱ ପାର୍କ' ବିଷୟରେ ଆଲୋକପାତ କରି ସେ ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ସୂଚନା ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ରାଜ୍ୟ ସରକାର ସଫଳତାର ସହ ୫୫,୦୦୦ ଅଙ୍ଗନୱାଡି କେନ୍ଦ୍ରକୁ ନିଜସ୍ୱ ଗୃହ ଯୋଗାଇ ଦେଇଛନ୍ତି। ଏଥିସହ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ଯେ, ସମାଜର ପ୍ରତ୍ୟେକ ବ୍ୟକ୍ତି ଯଦି ନିଜର ଶୁଭ ଅବସର ବା ଜନ୍ମଦିନରେ ଅଙ୍ଗନୱାଡ଼ି ଶିଶୁଙ୍କୁ ଫଳ ବାଣ୍ଟିବା ପାଇଁ ସଂକଳ୍ପ ନେବେ, ତେବେ ଓଡ଼ିଶା ଖୁବ୍ ଶୀଘ୍ର ଏକ ସୁସ୍ଥ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ ହେବ।

ପଞ୍ଚତତ୍ୱ ପାର୍କଟି ପ୍ରକୃତିର ପାଞ୍ଚଟି ତତ୍ତ୍ୱ (ପୃଥ୍ୱୀ, ଜଳ, ଅଗ୍ନି, ବାୟୁ ଓ ଆକାଶ) ଉପରେ ଆଧାରିତ ଏକ ଚିକିତ୍ସାମୂଳକ ସ୍ଥାନ। ଏଥିରେ '୮' ଆକୃତିର ଏକ ଚାଲିବା ପଥ ରହିଛି, ଯେଉଁଥିରେ ଗୋଡ଼ି, ବାଲି ଏବଂ ଗଛର ଛାଲି ବ୍ୟବହାର କରାଯାଇଛି। ଏହା ରକ୍ତ ସଞ୍ଚାଳନ ବୃଦ୍ଧି ଏବଂ ମାନସିକ ଶାନ୍ତି ପ୍ରଦାନ କରିବାରେ ସାହାଯ୍ୟ କରିବ। ଏହା ମହିଳା ଓ ଶିଶୁମାନଙ୍କୁ ପ୍ରକୃତି ସହ ଯୋଡ଼ିବା ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ।

ସୁଭଦ୍ରା ରିସୋର୍ସ ସେଣ୍ଟର ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ପ୍ରମୁଖ ସୂଚନା ଏବଂ ପ୍ରଶିକ୍ଷଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ, ଯାହାର ଶିଳାନ୍ୟାସ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି।

ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ ମହୋଦୟ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି ମହୋଦୟା ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନଙ୍କ ସହ ବିଭିନ୍ନ ଜିଲ୍ଲାର ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ 'କୁପୋଷଣ ମୁକ୍ତ ଓଡ଼ିଶା' ପାଇଁ ସମୂହ ଶପଥ ପାଠ କରାଯାଇଥିଲା।

# ବଦଳିବ କ୍ୟାପିଟାଲ ହସ୍ପିଟାଲର କାୟାକଳ୍ପ

ଭୁବନେଶ୍ୱର, ୨୭।୧
ନ୍ୟୁଜ୍‌ବ୍ୟୁରୋ

ରାଜଧାନୀବାସୀଙ୍କ ପାଇଁ ଖୁସି ଖବର। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲର ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବାରେ ବଡ଼ ଧରଣର ପରିବର୍ତ୍ତନ ହେବାକୁ ଯାଉଛି। ମଙ୍ଗଳବାର ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ଚିକିତ୍ସା ସେବାକୁ ଅଧିକ ବ୍ୟାପକ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆ ଯାଇଛି। ରୋଗୀଙ୍କ ଚାପକୁ ଦୃଷ୍ଟିରେ ରଖି ହସ୍ପିଟାଲର ଆଇସିୟୁ ଶଯ୍ୟା ସଂଖ୍ୟାକୁ ବର୍ତ୍ତମାନର ୧୪ରୁ ୪୦କୁ ବୃଦ୍ଧି କରାଯିବ। ଏନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି । ଏଥିସହିତ ପିଜି ମେଡିକାଲ ଶିକ୍ଷାର୍ଥୀଙ୍କ ପାଇଁ ଆବଶ୍ୟକୀୟ ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନିଆଯିବ। ଦୀର୍ଘ ବର୍ଷ ଧରି ଠିକା ଭିତ୍ତିରେ କାର୍ଯ୍ୟ କରୁଥିବା ପ୍ରାୟ ୧୫୦ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଚାକିରି ନିୟମିତ କରିବା ପାଇଁ ବୈଠକରେ ପ୍ରତିଶ୍ରୁତି ଦିଆଯାଇଛି। ଏହି ବୈଠକରେ ସାଂସଦଙ୍କ ସମେତ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ହସ୍ପିଟାଲ ନିର୍ଦ୍ଦେଶକ, ଅଧୀକ୍ଷକ ଏବଂ ପୂର୍ତ୍ତ ବିଭାଗ ଓ 'ୱାଟକୋ'ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।